# ଏହି ଶେଷ ଦିନମାନଙ୍କରେ ପରମେଶ୍ୱରଙ୍କ ରବ

ଆଜି ସକାଳରେ ପୁଣି ଥରେ ଏହି ସ୍ପେନିଶ୍ ଲୋକମାନଙ୍କର ଗହଣରେ ଆସି ପାରିଥିବାରୁ ତାହା ନିଶ୍ଚିତ ଏକ ସୌଭାଗ୍ୟର ବିଷୟ ଅଟେ । ଆଉ ମୁଁ ଆଶ୍ଚର୍ଯ୍ୟ କରେ ଯେ ଜିମ୍ ଏହା କରୁଛନ୍ତି କି ନାହିଁ । ଓଃ, ସେ ରେକର୍ଡିଂ କରୁଛନ୍ତି । ମୋ' ପାଖରେ ଏବେବି ସେହି ଗୀତର ରେକର୍ଡ଼ ଅଛି ଯାହାକି ସେହି କ୍ଷୁଦ୍ର ସ୍ପେନିଶ୍ ଗାୟନମଣ୍ଡଳୀ ପ୍ରସ୍ତୁତ କରିଥିଲେ ଯେତେବେଳେ ମୁଁ ଏଠାକୁ ଭାଇ ଗାର୍ସିଆଙ୍କ ସହିତରେ ପୂର୍ବେ ଆସିଥିଲି । ଆଉ ମୁଁ ସେହି ଛୋଟ ଗୀତଟି ଭୁଲି ଯାଉଛି ଯାହାକି ସେମାନେ ମୋ' ପାଇଁ ଗାଉଥିଲେ । ମାତ୍ର, ଓଃ, ମୁଁ ତାହା କେତେ ପସନ୍ଦ କରୁଥିଲି! ଆଉ ସେହି ପିଲାମାନେ ବର୍ତ୍ତମାନ ସବୁ ବଡ଼ ହୋଇ ବିବାହିତ ହୋଇଗଲେଣି । ମୁଁ ବେଳେ ବେଳେ ସେମାନଙ୍କ ସହିତରେ କଥାବାର୍ତ୍ତା ହୁଏ । ଆଉ ମୁଁ ଏହି ସକାଳରେ ଭିତରକୁ ଆସିଲି ଓ ସାନ ଯୋଷେଫଙ୍କୁ ଦେଖିଲି, ଆଉ ତେବେ ଏହା ବାସ୍ତବରେ ମୋତେ କିଛି ଗୋଟାଏ କରିଥିଲା, ଏବଂ ମୁଁ ତୁମକୁ ଦେଖି ନିଶ୍ଚିତରେ ଆନନ୍ଦିତ ଅଟେ ।

2 ଆଉ, ବର୍ତ୍ତମାନ, ମୋତେ ଗୋଟିଏ ଶବ୍ଦ ଆସେ ଯାହାକି ମୁଁ ସ୍ପେନିଶ୍ ଭାଷାରେ କହିପାରେ । କ'ଣ ଆପଣମାନେ ତାହା ଶୁଣିବାକୁ ଚାହିଁବେ? "ହାଲ୍ଲେଲୁୟା!" ମୁଁ କେବେବି ସେହି ଶବ୍ଦକୁ ଭୁଲିବି ନାହିଁ...ଯେତେବେଳେକି ଥରେ ମୁଁ ଜଣେ ବଧିର ସ୍ତ୍ରୀଲୋକକୁ ମୋତେ ଶୁଣିପାରୁ ବୋଲି ଚେଷ୍ଟା କରୁଥିଲି । ତେବେ, ମୁଁ ଏହାକୁ ସମ୍ପୂର୍ଣ୍ଣଭାବେ ଭୁଲ୍ କହିପାରେ, ଆପଣମାନେ ଦେଖନ୍ତୁ, ମାତ୍ର ମୋତେ ଯେତିକି ସବୁଠୁଁ ଭଲ ଭାବରେ ମନେ ଅଛି ତାହା ଥିଲା "ଓଏ ।" କ'ଣ ତାହା ଠିକ ଅଟେ? ମୋତେ *ଶୁଣନ୍ତୁ* । *ଶୁଣନ୍ତୁ*, "ଓଏ ।" ଆଉ ତା'ପରେ କେବେବି ଭୁଲିପାରିବି ନାହିଁ, "ଗ୍ଲୋରିଆ ଅ ଡିଓସ୍!" କେତେ ଅଦ୍ଭୁତ! ଓଃ, ମୋତେ ସୁଯୋଗ ମିଳିଥିଲା ଯେ ସେଠାରେ ତଳେ ସେଠାକାର ରାଜଧାନୀ, ମେକ୍ସିକୋ ସିଟୀକୁ ଯାଏ, ଓ ସେଠାରେ ସେମାନଙ୍କ ସହିତରେ କଥାବାର୍ତ୍ତା ହୁଏ । ମୁଁ କେତେ ଆନନ୍ଦିତ ଥିଲି! ଆଉ ମୁଁ କରୁଥିଲି...

3 ମୁଁ ଏଠାରେ ରହିବା ପରେ ମୁଁ ଫିନ୍‌ଲାଣ୍ଡରେ ଥିଲି । ଆଉ ତାହା ମୋତେ ସଦାବେଳେ ଜଣେ ଫିନିଶ୍ ମହିଳା ସହିତ କଥା ହେଉଥିବା ବିଷୟ ମନେ ପଡ଼ିଯାଏ । ସେମାନେ ମୋତେ ଏପରି ଏକ ସ୍ଥାନକୁ ନେଇଗଲେ ଯାହାକୁ ସେମାନେ ଏକ "ବେଥନି" ବୋଲି କୁହନ୍ତି । ପ୍ରତ୍ୟେକ ରାଷ୍ଟ୍ରର ତାଙ୍କର ନିଜସ୍ୱ ଧାରଣା ରହିଥାଏ । (ମୁଁ, କ'ଣ ଆପଣ ମୋ'ର କଥାକୁ ଦୁଇ ଥର ଶୁଣୁଛନ୍ତି, ମୁଁ ତା'ର ଅତି ନିକଟରେ କି? କ'ଣ ଆପଣମାନେ ଠିକ୍ ଶୁଣି ପାରୁଛନ୍ତି? ତାହା ହିଁ ଅଟେ ।) ଏହି ଛୋଟ ମହିଳାଜଣକ, ସେ ଜଣେ ଅତି ପ୍ରିୟ ସାନ ବ୍ୟକ୍ତି ଥିଲେ । ମାତ୍ର ସେ ମୋ' ପରି ଥିଲେ, ସେ ବହୁତ ଅଧିକ କଥା କହିବାକୁ ଭଲ ପାଉଥିଲେ । ଆଉ ସେହି ଅନୁବାଦକ...

ସେହି ମହିଳାଟି ପ୍ରକୃତରେ ବହୁତ ଶୀଘ୍ର କଥା କହୁଥିଲେ । ଓ—ଓ ସେହି ଅନୁବାଦକ ତାହା ସେତିକି ଶୀଘ୍ର କହିପାରୁ ନ ଥିଲେ ଯାହାକି ସେହି ମହିଳାଟି କହିବା ପାଇଁ ଚାହୁଁଥିଲେ । ଆଉ ସେହି ମହିଳାଟି ସେଠାରେ ଛିଡ଼ା ହୁଅନ୍ତି ଏବଂ ତାଙ୍କର ମୁହଁ ଲାଲ୍ ହୋଇଯାଏ, ସେ କହନ୍ତି, "ମୁଁ ଏହାକୁ ବାବିଲୋନ୍‌ରେ ଥିବା ସେହି ବ୍ୟକ୍ତିମାନଙ୍କ ପାଇଁ ରଖିଅଛି ।"

4 ମାତ୍ର, ଆପଣ ଜାଣନ୍ତି, ମୁଁ ଲକ୍ଷ୍ୟ କରିଛି ଯେ ସମସ୍ତ—ପକ୍ଷୀମାନେ ସମସ୍ତେ ଇଂଗ୍ରାଜୀରେ ଗୀତ ଗାଆନ୍ତି, କୁକୁରମାନେ ଇଂଗ୍ରାଜୀରେ ଭୁକନ୍ତି, ଶିଶୁମାନେ ଇଂଗ୍ରାଜୀରେ କାନ୍ଦନ୍ତି । ମୁଁ ଆଶ୍ଚର୍ଯ୍ୟ କରେ ଯେ ସେ ଯାହାକିଛି ହେଉ ଆମ ସହିତ କି ମାମଲା ଅଟେ । ମାତ୍ର ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକେ ଏହା ଭାବନ୍ତି ଯେ ଆମର—ଆମର ଭାଷା, ଅବଶ୍ୟ ହିଁ ସହସ୍ରାବ୍ଦୀର ଭାଷା ହେବ । ମାତ୍ର ଆମେମାନେ ଯେଉଁମାନେକି ପବିତ୍ରଆତ୍ମା ପାଇଅଛୁ, ଏହା ଜାଣୁ ଯେ ତାହା ସତ୍ୟ, କାରଣ ଆମର ଏକ ସ୍ୱର୍ଗୀୟ ଭାଷା ଅଛି ।

5 ଆଜି ସକାଳରେ ଆମମାନଙ୍କ ସହିତରେ ଏଠାରେ ଭାଇ ରୋୱେ ଅଛନ୍ତି, ୱାଶିଂଟନ୍‌ରୁ ଆସିଥିବା ଜଣେ କୂଟନୀତିଜ୍ଞ । ମୁଁ ଭାବୁଛି ଯେ ସେ ପାଞ୍ଚ କିମ୍ବା ଛଅ ରାଷ୍ଟ୍ରପତି, ସାତଜଣ ରାଷ୍ଟ୍ରପତିଙ୍କ ଅଧୀନରେ ତାଙ୍କର ସେବା ପ୍ରଦାନ କରିଥିଲେ । ଆଉ ଆପଣମାନେ ଜାଣନ୍ତି ଯେ ମୁଁ କିପରି ଅନୁଭବ କରିଥାଏ, ଏହି ମଞ୍ଚ ଉପରେ ଏପରି ଭାବରେ ଛିଡ଼ା ହୋଇ, କଥା କହିବା, ଯେତେବେଳେକି ସେହିପରି ଜଣେ ବ୍ୟକ୍ତି ମୋ' ପଛରେ ବସି ରହିଥା'ନ୍ତି । ମାତ୍ର ତାହାଙ୍କର ସାକ୍ଷ୍ୟ ମୋ' ପାଇଁ ସଦାସର୍ବଦା ଏପରି ଉଲ୍ଲେଖନୀୟ ରହିଥିଲା, ପୁଣି ବିଶେଷକରି ଯେତେବେଳେ ସେ...ମୁଁ ବିଶ୍ୱାସ କରେ ଯେ ସେ ଲୁଥରାନ୍ ଥିଲେ, ଯଦି ମୁଁ ଭୁଲ୍ କରୁନାହିଁ, କିମ୍ବା କ୍ୟାଥୋଲିକ୍ ଅବା ଲୁଥରାନ୍, ଲୁଥରାନ୍ ଥିଲେ । ଆଉ ସେ କହୁଥିଲେ ଯେ ସେ...ଏକ ପେଣ୍ଟିକଷ୍ଟାଲ ସଭାରେ ଗୋଟିଏ ତମ୍ବୁ ତଳେ ଗୁରୁଣ୍ଡି ହୋଇ ଯିବା ବିଷୟରେ କିଛି ଗୋଟାଏ କହୁଥିଲେ, ଏବଂ ସେ ଉଠିଲେ...ଅବଶେଷରେ ସେ ଯାଇ ବେଦୀ ନିକଟରେ ପହଞ୍ଚିଲେ, ଆଉ, ଯେତେବେଳେ ସେ ତାହା କଲେ, ପ୍ରଭୁ ତାହାଙ୍କ ଉପରକୁ ଓହ୍ଲାଇ ଆସିଲେ ଓ ତାହାଙ୍କୁ ଏତେ ଅଧିକ ଆଶୀର୍ବାଦ କଲେ ଯେ...ମୁଁ ଭାବୁଛି ଯେ ସେ ପ୍ରାୟଃ ସାତୋଟି ଭିନ୍ନ ଭିନ୍ନ ଭାଷାରେ କଥା କହିପାରନ୍ତି । ଆଉ କହୁଥିଲେ ଯେ ସେ ଥରେ ଗୋଟିଏ ଚେଷ୍ଟା କଲେ, "ତାହା କାମ ଦେଲା ନାହିଁ," ତା'ପରେ ଅନ୍ୟଟା ଚେଷ୍ଟା କଲେ, "ତାହା କାମ ଦେଲା ନାହିଁ ।" ଆଉ ମୁଁ ଅନୁମାନ କରେ ଯେ ସେ ସ୍ପେନିଶ୍ ଠିକ୍ ସେହି ସମାନ ଭାବରେ କହିପାରନ୍ତି ଯେତିକି ଆପଣ ସମସ୍ତେ କହିପାରନ୍ତି । ଏଣୁ ସେ—ସେ ତାହା ମଧ୍ୟରୁ ସବୁକିଛିକୁ ଚେଷ୍ଟା କଲେ, ଆଉ ତାହା କାମ ଦେଲା ନାହିଁ । ଆଉ, ଦେଖନ୍ତୁ ଯେ, ଜାଣିଛନ୍ତି କ'ଣ, ପରମେଶ୍ୱର ଏତେ ଭଲ ଅଟନ୍ତି, ସେ ଓହ୍ଲାଇ ଆସିଲେ ଓ ତାହାଙ୍କୁ ଏପରି ଏକ ଭାଷା ଦେଲେ ଯାହାକି ସେ ଆଗରୁ କେବେ ଚେଷ୍ଟା କରି ନ ଥିଲେ, ସେ କହିଲେ, "ତାହା କାମ ଦେଲା ।" ତାହା ଠିକ୍ ଅଟେ । ମୁଁ ଭାବୁଛି ଯେ ତାହା ଆର ପଟରେ ଠିକ୍ ସେହିପରି ହିଁ ହେବ ।

6 ଅନେକ ସ୍ମୃତି ମୁଁ ସେହି ଉପରେ ଥିବା ଛୋଟ ଗୀର୍ଜାର ମୋ' ହୃଦୟରେ ରଖିଅଛି, ମୁଁ

ଏହା ବିଶ୍ୱାସ କରେ...ଓଃ, ମୁଁ ଭୁଲି ଯାଉଅଛି ଯେ ତାହା କେଉଁଠାରେ ଥିଲା। ତାହା ଏଠାରେ କେଉଁଠାରେ ଟର୍ଣ୍ଣୋ ଷ୍ଟ୍ରିଟ୍ ନିକଟରେ ଅଛି। ଆଉ ମୋ'ର ତାହା ମନେ ଅଛି। ମୁଁ ସେହି ଶବ୍ଦ "ଟର୍ଣ୍ଣୋ ଷ୍ଟ୍ରିଟ୍," ବିଷୟରେ ଚିନ୍ତା କରିପାରେ ଯେଉଁଠାରେକି ସେହି ସ୍ପେନିଶ୍ ଆପୋଷ୍ଟୋଲିକ୍ ଗୀର୍ଜା ଅବସ୍ଥିତ ଥିଲା।

7 ମୁଁ ପାଳକ ମହୋଦୟଙ୍କୁ କହୁଥିଲି, "ଏକ ଉଦ୍ଦୀପନା ସଭା କରିବା ନିମନ୍ତେ ଏହା ଏକ ମହାନ୍ ସ୍ଥାନ ହେବ," ପ୍ରଚୁର ସଂଖ୍ୟାରେ କୋଠରୀମାନ, ନୂତନ ଗୀର୍ଜାଘର, ଉତ୍ତମ ଲୋକମାନେ। ଏଣୁ ମୁଁ ଭାବୁଛି ଯେ ତାହା କୌଣସି ଏକ ଦିନ ଏକ ଉଦ୍ଦୀପନା ସଭା ନିମନ୍ତେ ପ୍ରସ୍ତୁତ ହୋଇରହିବ। ଆପଣମାନେ ତାହା ପାଇଁ ପ୍ରାର୍ଥନା କରନ୍ତୁ, ଆପଣମାନେ ଆସନ୍ତୁ ଓ ଏକ ଉଦ୍ଦୀପନା ସଭା କରନ୍ତୁ। ତେବେ, ମୁଁ ଆଶା କରେ ଯେ ଏହା କେବଳ ତାହାର ଏକ ପୁନରାବୃତ୍ତି ହୁଏ ଯାହାକି ଆମେମାନେ ଅନ୍ୟ ଗୀର୍ଜାଘରେ କରିଥିଲୁ। ମୋ'ର ମନେ ଅଛି ଯେ ପ୍ରାଙ୍ଗଣରେ ଛିଡ଼ା ହୋଇ, ବାଡ଼ ଉପରେ ଆଉଜି ହୋଇ, ରାସ୍ତାରେ ଉପରକୁ ଓ ତଳକୁ ହୋଇ, ରାତ୍ରିର ଏକ ସମୟରେ ସେଠାରୁ ଚାଲିଯିବାକୁ ଚେଷ୍ଟା କରୁଥିଲୁ, ଏହା ନିଶ୍ଚିତରେ ଏକ ରୋମାଞ୍ଚକାରୀ ବିଷୟ ଥିଲା ଯାହାକି ମୁଁ କଦାପି ଭୁଲି ନାହିଁ। ଆଉ ମୋ' ପାଖରେ ଏକ—ଏକ ରେକର୍ଡ଼ ଅଛି ସେହି ସାନ ସାନ ମହିଳାମାନଙ୍କର, ସେହି ଯୁବତୀମାନଙ୍କର ଓ ସେହି ଭାଇମାନଙ୍କର ଯେଉଁମାନେକି ଗୀତ ଗାଇଥିଲେ ଓ ଏକ ରେକର୍ଡ଼ ପ୍ରସ୍ତୁତ କରିଥିଲେ। ଆଉ ସେମାନେ "ଓନଲି ବିଲିଭ୍," ଗୀତକୁ ଗାଇବାକୁ ଚେଷ୍ଟା କରିଥିଲେ ଆଉ ଆପଣମାନେ ଜାଣନ୍ତି, ସେମାନେ ତାହା ଠିକ୍ ଭାବରେ ଗାଇ ପାରି ନ ଥିଲେ। ସେମାନେ "ଓନ୍ଲି ବିଲିଭ୍," କହିବା ବଦଳରେ କହୁଥିଲେ, ସେମାନେ ଉଚ୍ଚାରଣ କରୁଥିଲେ "ୟେଓନିଆ ବିଲିଭ୍," ଦେଖନ୍ତୁ।

8 ଆଉ ମୋ'ର ମନେ ଅଛି, ମୋ' ଝିଅ, ରିବିକା ଓ ସାରା, ଆଉ ତଥାପି ସେମାନେ କହୁଥିଲେ, "ବାପା, ଗାଅ, ସେହି ସାନ ଲୋକମାନଙ୍କର ସେହି ଛୋଟ ଗୀତ ରେକର୍ଡ଼ଟି ବଜାଅ..." "ସ୍ପେନିଶ୍," କହିବା ବଦଳରେ ସେମାନେ ସେହି ଶବ୍ଦ କହି ପାରୁ ନ ଥିଲେ, ସେମାନେ କହୁଥିଲେ, "ସ୍ପିନାଚ୍ ଝିଅମାନେ, ସାନ ସ୍ପିନାଚ୍ ଝିଅମାନେ ଗାଇଥିବା 'ଓନଲି ବିଲିଭ୍।'"

9 ତେବେ, ମୋ'ର ମନେ ଅଛି ସେମାନେ ସଭାକୁ ଅନୁସରଣ କରିଥିଲେ। ଉଦ୍ଦୀପନା ସେତେବେଳେ ଜାରି ରହିଥିଲା, ଆଉ ସେମାନେ ସମଗ୍ର ପଶ୍ଚିମ ଉପକୂଳ ଯାଏଁ ସଭାକୁ ଅନୁସରଣ କରିଥିଲେ। ଆଉ ମୁଁ...ଏକ ଛୋଟ ବିଷୟ ମୋ' ହୃଦୟ ଭିତରେ ଲଙ୍ଗର ଦେଇଥିଲା ଯେତେବେଳେ ଆମେ କାଲିଫର୍ଣ୍ଣିଆ ଛାଡ଼ିଥିଲୁ। ଭାଇ ମୂର୍ ଓ ମୁଁ, ଏବଂ ଭାଇ ବ୍ରାଉନ୍, ଉପରେ କ୍ୟାପିଟୋଲ ଭବନରେ ଥିଲୁ। ଆଉ ଯେତେବେଳେ ମୁଁ ସେହି ରାତ୍ରି ସେହି ଭବନରେ ତଳକୁ ଗଲି, ସେଠାରେ ସେହି ସାନ ପିଲାମାନେ ଛିଡ଼ା ହୋଇ ସେହି ଗୀତ ଗାଉଥିଲେ, "ସେ ତୁମର ଯତ୍ନ ନିଅନ୍ତି।" ଆପଣମାନେ ତାହା ଶୁଣିଛନ୍ତି। "ସୂର୍ଯ୍ୟକିରଣ ହେଉ

କିଅବା ଛାଇ ହେଉ, ସେ ତୁମର ଯତ୍ନ ନିଅନ୍ତି ।" ଅନେକ ଥର ବିଦେଶୀ ରାଷ୍ଟ୍ରମାନଙ୍କରେ, ବିଶ୍ୱ ବିବାଦର ସଂଘର୍ଷଭୂମିରେ, ଖ୍ରୀଷ୍ଟଙ୍କ ବାର୍ତ୍ତା ଆଣିବାକୁ ଚେଷ୍ଟା କରୁଥିବା ବେଳେ, ମୋ'ର ପ୍ରତି ସେହି ଝିଅ ଓ ପୁଅମାନେ ଗାଇଥିବା ସେହି ଗୀତଟି ମନେ ପଡ଼ିଯାଏ, "ସେ ତୁମର ଯତ୍ନ ନିଅନ୍ତି । ସୂର୍ଯ୍ୟକିରଣ ହେଉ କିଅବା ଛାଇ ହେଉ, ସେ ତଥାପି ତୁମର ଯତ୍ନ ନିଅନ୍ତି ।" ଏଣୁକରି ତାହା ଏକ ବହୁତ ବଡ଼ ପ୍ରେରଣା, ଏକ ସାହାଯ୍ୟ ରହିଆସିଛି ।

10 ଆପଣଙ୍କର ଅତି ଉତ୍ତମ ପାଳକଙ୍କୁ ସାକ୍ଷାତ କରି, ଓ ଏହା ଦେଖି ଯେ ମଣ୍ଡଳୀ ଜୀବନ୍ତ ଅଛି ବହୁତ ଖୁସି ଲାଗୁଛି ପୁଣି ଆପଣଙ୍କର ଏଠାରେ ଏତେ ବଡ଼ ସୁନ୍ଦର ଏହି ଭବନଟି ଅଛି, ସବୁକିଛି ସୁବ୍ୟବସ୍ଥିତ ଅଛି, ଯାନ ବାହନ ରଖିବା ନିମନ୍ତେ ପ୍ରଚୁର ପାର୍କିଂ ସ୍ଥାନ ଅଛି । ପବିତ୍ରଆତ୍ମାଙ୍କ ହସ୍ତରେ କେବଳ ଏକ ବାସ୍ତବିକ ସ୍ଥାନ, ଯଦି ଆମେମାନେ କେବଳ ତାହାଙ୍କୁ ଏହା ଦେଖିବା ନିମନ୍ତେ ଓ ଜାଣିବା ନିମନ୍ତେ ପାଇପାରିବା ଯେ ଆମେମାନେ ଏକ ଉଦ୍ଦୀପନା ପାଇଁ ଡାକ ଦେଉଅଛୁ । ସେ, ମୁଁ ବିଶ୍ୱାସ କରେ ଯେ ସେ ଆମମାନଙ୍କୁ ଗୋଟିଏ ଦେବେ ।

11 ତେବେ, ଆଜିରାତ୍ରି ଆମେମାନେ ଆର ପଟରେ, ଭାଇ ଆଉଟଲଙ୍କ ମଣ୍ଡଳୀ, ଯୀସସ୍ ନେମ୍ ମଣ୍ଡଳୀରେ ଅଛୁ । ଆଉ ଭାଇ ଆଉଟଲ, ମୁଁ ବିଶ୍ୱାସ କରେ ଯେ...ମଧ୍ୟ, ଆପୋଷ୍ଟୋଲିକ ମଣ୍ଡଳୀର ଅଟନ୍ତି । ମୁଁ ଭାବୁଛି ସେ କେବଳ ତାହାର ନାମ, ମଣ୍ଡଳୀର ନାମ, ଯୀସସ୍ ନେମ୍ ବୋଲି ଡାକନ୍ତି । ମୁଁ ଭାବୁଛି ସେ ବିଶ୍ୱାସରେ ପ୍ରେରିତିକ ଅଟନ୍ତି । ଆଉ ତେଣୁକରି ଆମମାନଙ୍କୁ ଆଜିରାତ୍ରି ସେଠାରେ ରହିବାର ଅଛି । ପୁଣି ବର୍ତ୍ତମାନ ଆମେ ଏହା ସ୍ପେନିଶ୍ ମଣ୍ଡଳୀକୁ କହୁନାହୁଁ ଯେ, "ତେବେ ସେଠାକୁ ପଳାଇ ଆସ," କାରଣ ଆପଣମାନେ ଆପଣଙ୍କର କାର୍ଯ୍ୟ ଦାୟିତ୍ୱରେ ରହିଥା'ନ୍ତୁ । ଏବଂ ତା'ପରେ ଗୁରୁବାରଠାରୁ, ଖ୍ରୀଷ୍ଟିଆନ ବିଜିନେସ୍ ମେନ୍‌ର ଏକ ବିରାଟ ସମାବେଶ ହେବାକୁ ଯାଉଅଛି, ଗୁରୁବାର ଦିନ, ଅନ୍ୟ ମଣ୍ଡଳୀଗୁଡ଼ିକରେ ସେବା ସମାପ୍ତ ହୋଇସାରିବା ପରେ । ଆଉ ଏହି ସଭାରେ, ସେମାନେ ଅତି ଉତ୍ତମ ବକ୍ତାମାନଙ୍କୁ ପାଇବାକୁ ଯାଉଅଛନ୍ତି, ଆଉ ଯେପରିକି ଓରାଲ୍ ରୋବର୍ଟସ, ଓ କୌଣସି ଜଣେ ମେଥୋଡିଷ୍ଟ ଭାଇ ଯିଏକି ଅଳ୍ପ ଦିନ ହେଲା ଉଦ୍ଧାର ପାଇଅଛନ୍ତି, ଆଉ ସେମାନେ ଏହା ଦାବୀ କରନ୍ତି ଯେ ସେ ଜଣେ ଶକ୍ତିଶାଳୀ ବକ୍ତା ଅଟନ୍ତି । ଆଉ ମୁଁ ସୁନିଶ୍ଚିତ ଅଟେ ଯେ ଆପଣମାନେ ଏହି ସଭାଗୁଡ଼ିକୁ ଉପଭୋଗ କରିବେ । ଏବଂ ତୁମେ କିଶୋରା-ବସ୍ଥାର ପିଲାମାନେ, ସେମାନେ ସେଠାରେ କିଶୋରା-ବସ୍ଥାଙ୍କ ପାଇଁ ମଧ୍ୟ ଏକ ସମାବେଶ ରଖିଛନ୍ତି, ଯେପରିକି ଭାଇ ବର୍ତ୍ତମାନ ଘୋଷଣା କଲେ । ମୁଁ ମଧ୍ୟ ମୋ'ର ପିଲାମାନଙ୍କୁ ସେଠାକୁ ନେଇକି ଯାଉଅଛି ଯେପରିକି ସେମାନେ ଏହାକୁ ଉପଭୋଗ କରିପାରନ୍ତି । ଆଉ ତେଣୁକରି ବର୍ତ୍ତମାନ ସେଠାକୁ ଆସନ୍ତୁ, ଆମେମାନେ ଆପଣମାନଙ୍କୁ ପାଇ ଆନନ୍ଦିତ ହେବୁ । ପ୍ରଭୁ ଆପଣ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ ।

12 ଆଉ ବର୍ତ୍ତମାନ ମୁଁ ବାଇବଲକୁ ଖୋଲିବାକୁ ଚାହେଁ ଓ ତାହାଙ୍କର ଆଶୀଷିତ ବାକ୍ୟରୁ କିଛି ପାଠ କରିବାକୁ ଚାହେଁ । ଏବଂ ମୁଁ ଆଜି ସକାଳେ, କିଛି ପାଠ ବାଛିଛି, ଅଳ୍ପ ସମୟ ପାଇଁ, ମୁଁ

ଆପଣମାନଙ୍କୁ ଅଧିକ ସମୟ ଧରି ରଖିବାକୁ ଚାହେଁ ନାହିଁ, ଆଉ ତହିଁରୁ ଗୋଟିଏ ମିଳେ ପ୍ରଥମ ଶାମୁୟେଲରେ, ଅନ୍ୟଟି ମିଳେ ଯିଶାଇୟରେ । ଆଉ ମୁଁ ପ୍ରଥମେ ଯିଶାଇୟରୁ ପାଠ କରିବାକୁ ଚାହେଁ । ଆଉ ମୁଁ...

13 କ'ଣ ଆପଣମାନେ ସମସ୍ତେ ଚାରିଆଡ଼େ, ଠିକ୍ ଭାବେ ଶୁଣି ପାରୁଛନ୍ତି? ଏହି ମାଇକଗୁଡ଼ିକ ମଧ୍ୟରେ, ମନେହୁଏ ସେମାନେ ମୋ' ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ, ମୁଁ ଜାଣେ ନାହିଁ କାହିଁକି । ଆପଣମାନେ ସେଠାରେ ଭଲ ଭାବେ ଶୁଣି ପାରୁଛନ୍ତି, ନିଜର ହାତ ଉଠାନ୍ତୁ । ଉତ୍ତମ, ଭଲ ।

14 ବର୍ତ୍ତମାନ, ମୋ'ର ଗଳା ଟିକେ କର୍କଶ ଶୁଭାଯାଉଛି, ଅବଶ୍ୟ, ତାହା ବହୁତ ଅଧିକ କଥା କହିବା ଯୋଗୁଁ ଅଟେ । ଆଉ ଯେବେଠୁଁ ମୁଁ ଏହି ସ୍ପେନିଶ୍ ଭାଇ ଭଉଣୀମାନଙ୍କ ସହିତରେ ଏଠାରେ ରହିଥିଲି, ମୁଁ ଅନୁମାନ କରେ ଯେ, ପ୍ରାୟଃ ଷୋହଳ ବର୍ଷ ପୂର୍ବେ, ହୋଇପାରେ ଯେ ଷୋହଳ କିମ୍ବା ସତର ବର୍ଷ ପୂର୍ବେ, ତେବେ, ସେହି ଦିନଠାରୁ ମୁଁ ପ୍ରଚାର କରି ଆସୁଅଛି । ତେବେ ମୁଁ ସେତେବେଳେ କହିଥିଲି, ମୁଁ ଥକି ଯାଇଥିଲି, ପୁଣି ଆଜି ମଧ୍ୟ ମୁଁ ଥକି ଯାଇଅଛି, ମାତ୍ର ପରମେଶ୍ୱରଙ୍କ ଅନୁଗ୍ରହରୁ ତଥାପି ମୁଁ ଅଗ୍ରସର ହୋଇଚାଲିଛି ।

15 ବର୍ତ୍ତମାନ ଆସନ୍ତୁ ଯିଶାଇୟ 40କୁ ଯିବା, ଯିଶାଇୟର 40ତମ ପର୍ବ; ଆଉ ପ୍ରଥମ ଶାମୁୟେଲର 1ମ ପର୍ବ, ଅବା 3ୟ ପର୍ବ । ପୁଣି ଯେତେବେଳେକି ଆମେମାନେ ବାକ୍ୟ ପଠନ କରିବା ହେତୁ ସେହି ଅଂଶର ସ୍ଥାନଗୁଡ଼ିକୁ ଧରିଅଛୁ, ମୁଁ ଚାହେଁ ଯେ ଆମେମାନେ ବର୍ତ୍ତମାନ ଏକ ପ୍ରାର୍ଥନା ନିମନ୍ତେ ଅଳ୍ପ କ୍ଷଣ ନିଜର ମସ୍ତକଗୁଡ଼ିକୁ ନତ କରିବା ।

16 ଆମମାନଙ୍କର ସ୍ୱର୍ଗସ୍ଥ ପିତା, ଆମେମାନେ ଆଜି ଏହି ସୁନ୍ଦର ମନ୍ଦିରରେ ଛିଡ଼ା ହେବାର ସୌଭାଗ୍ୟ ପାଇଥିବା ହେତୁ କୃତଜ୍ଞ ଅଟୁ ଯାହାକି ପରମେଶ୍ୱର ଓ ତାହାଙ୍କର କାର୍ଯ୍ୟ ହେତୁ ସମର୍ପିତ ଅଟେ । ଆଉ ଯେପରିକି ଆମେମାନେ ଜାଣୁ ଯେ ତୁମର ଦାସମାନେ ଏଠାରେ ଅନେକ ଥର ଏହି ମଞ୍ଚ ଅବା ଏହି ବେଦୀ ପଛରେ, ପୁଣି ତୁମର ସେବା ହେତୁ ଏକ ସମର୍ପିତ ଜୀବନ ସହିତରେ ଛିଡ଼ା ହୋଇଥାଆନ୍ତି ।

17 ଆଉ ଯେ ଏହି, ଏହି ସକାଳ, ସେହି ସ୍ମୃତିଗୁଡ଼ିକୁ ଫେରାଇ ଆଣିଦିଏ, ଏପରି ଏକ ଉଦ୍ଦୀପନାର ସ୍ମୃତିଗୁଡ଼ିକୁ ଆଣିଦିଏ ଯାହାକି ଆରମ୍ଭ ହିଁ ହୋଇଥିଲା, ପୁଣି ପବିତ୍ରଆତ୍ମାଙ୍କ ସହିତରେ ଯିଏକି ଅଗ୍ନିସ୍ତମ୍ଭ ସଦୃଶ, ଏକ ବଡ଼ ଆଲୋକ ପିଣ୍ଡ ରୂପରେ ତଳକୁ ଓହ୍ଲାଇ ଆସିଥିଲେ, ଆଉ ତାହା ଏହା କହିଲେ ଯେ ସେହି ବାର୍ତ୍ତାଟି ସମଗ୍ର ପୃଥିବୀକୁ ବ୍ୟାପ୍ତ ହୋଇଯିବ । ଆଉ ବର୍ତ୍ତମାନ ତାହା ଆଜି ଇତିହାସ ଅଟେ । ସେହି ବାର୍ତ୍ତାଟି ଆଜି ମହାନ୍ ଲୋକମାନଙ୍କ ଜରିଆରେ ନିଆଁ ଧରି ଦେଇଅଛି, ଏହା ଦେଖିବା ପରେ, ଯଥା ଓରାଲ୍ ରୋବର୍ଟସ ଓ ଟମ୍ମୀ ଓସବର୍ଣ୍ଣ ସଦୃଶ, ଏବଂ ଟମ୍ମୀ ହିକ୍ସ ଓ ଅନ୍ୟାନ୍ୟ କେତେକେ । ଆଉ ସେହି ପ୍ରୟାସଗୁଡ଼ିକ ଜରିଆରେ ଯାହାକି ଆମେମାନେ ସମସ୍ତେ ଏକାଠି କରିଅଛୁ, ଆମେମାନେ ଦେଖୁଅଛୁ ଯେ ସେହି ବାର୍ତ୍ତା, ପେଣ୍ଟିକଷ୍ଟାଲର ସେହି ବାର୍ତ୍ତାଟି ଆକାଶ ତଳେ ପ୍ରତ୍ୟେକ

ରାଷ୍ଟ୍ରରେ ଉଦ୍ଦୀପନାର ନିଆଁକୁ ଲଗାଇ ଦେଇଅଛି । ହେ ସର୍ବଶକ୍ତିମାନ ପରମେଶ୍ୱର, ଏହା ପାଇଁ ଆମେ ତୁମକୁ ଧନ୍ୟବାଦ ଓ ପ୍ରଶଂସା କରୁଅଛୁ ।

18 ପୁଣି ବର୍ତ୍ତମାନ ଆଜି ଆମେମାନେ ପ୍ରାର୍ଥନା କରୁଅଛୁ ଯେ ତୁମେ ଆମର ହୃଦୟକୁ ସୁବ୍ୟବସ୍ଥିତ କରିବ, ଏକ ମହାନ୍ ସ୍ୱର୍ଗାରୋହଣ ନିମନ୍ତେ ପ୍ରସ୍ତୁତ କରିବ, ଯାହାକି ଆମେମାନେ ବିଶ୍ୱାସ କରୁ ଯେ ତାହା ଅତି ଶୀଘ୍ର ଘଟିତ ହେବ । ଆଉ ଯଦି ଆମମାନଙ୍କର ହୃଦୟଗୁଡ଼ିକ ତାହା ପାଇଁ ସୁବ୍ୟବସ୍ଥିତ ନ ଥାଏ କିଅବା ଅନ୍ୟ କୌଣସି ବିଷୟ ନିମନ୍ତେ ସୁବ୍ୟବସ୍ଥିତ ନ ଥାଏ ଯାହାକି ତୁମେ ଆମମାନଙ୍କ ପାଇଁ ଗଚ୍ଛିତ କରି ରଖିଅଛ, ତେବେ ଆମେମାନେ ପ୍ରାର୍ଥନା କରୁ ଯେ ତୁମେ ଆମମାନଙ୍କର ଦୁର୍ବଳତାଗୁଡ଼ିକୁ କ୍ଷମା କରିଦେବ, ଓ ଆଜି ତୁମେ ତୁମର ବାକ୍ୟ ଦେଇ ଆମ ସହିତ କଥା କହିବ । ଏହି ମଣ୍ଡଳୀର ପାଳକଙ୍କୁ, ତାଙ୍କର ଦୀକନମାନଙ୍କୁ, ଟ୍ରଷ୍ଟିମାନଙ୍କୁ, ଏବଂ ସମସ୍ତ ମଣ୍ଡଳୀକୁ, ତାଙ୍କର ସଦସ୍ୟମାନଙ୍କୁ ଆଶୀର୍ବାଦ କର । ଏହି ଛୋଟ ଗାୟନମଣ୍ଡଳୀକୁ, ଏବଂ ପିଆନୋବାଦକଙ୍କୁ, ସମସ୍ତ ସଂଗୀତଜ୍ଞମାନଙ୍କୁ ଆଶୀର୍ବାଦ କର । ସମଗ୍ରକୁ ନେଇ, ସେସମସ୍ତଙ୍କୁ ଆଶୀର୍ବାଦ କର ଯେଉଁମାନେକି ଏହି ସ୍ଥାନର ଦ୍ୱାର ଦେଇ ଭିତରକୁ ପ୍ରବେଶ କରନ୍ତି । ଏହା ହେଉ ଯେ ସେମାନେ ପ୍ରତ୍ୟେକ ଥର ପରିବର୍ତ୍ତିତ ହୋଇ ବାହାରକୁ ଆସନ୍ତୁ, ତୁମର ଟିକେ ଅଧିକ ନିକଟବର୍ତ୍ତୀ ହୁଅନ୍ତୁ ଯେତିକି ସେମାନେ ଭିତରକୁ ଆସିବାବେଳେ ଥିଲେ । ପିତଃ, ଏହା ପ୍ରଦାନ କର । ଆଉ ଏପରିକି ତାହା ଏହି ସକାଳରେ, ଠିକ୍ ସେହିପରି ହେଉ, କାରଣ ଆମେ ଏହାକୁ ଯୀଶୁଙ୍କ ନାମରେ ମାଗୁଅଛୁ । ଆମେନ୍ ।

19 ବର୍ତ୍ତମାନ ଯିଶାଇୟଙ୍କ ପୁସ୍ତକ ନିକଟକୁ ଯିବା, ତା'ର 40ତମ ପର୍ବ, ଆମେମାନେ ପାଠ କରୁ ।

> *ମୋ' ଲୋକମାନଙ୍କୁ ସାନ୍ତ୍ୱନା କର, ସାନ୍ତ୍ୱନା କର,...ପରମେଶ୍ୱର ଏହା କହନ୍ତି ।*
>
> *ତୁମ୍ଭେମାନେ ଯିରୁଶାଲମକୁ ଚିତ୍ତପ୍ରବୋଧକ କଥା କୁହ, ଆଉ ତାହାର ସଂଗ୍ରାମ ସମାପ୍ତ ହେଲା, ବୋଲି ତାହା ନିକଟରେ ପ୍ରଚାର କର, ତାହାର ଅପରାଧ କ୍ଷମା ହେଲା: ସେ ସଦାପ୍ରଭୁଙ୍କ ହସ୍ତରୁ ଆପଣାର...ପାପ ହେତୁ ଦୁଇ ଗୁଣ ପାଇଅଛି ।*
>
> *ଏକ ଜଣର ରବ ପ୍ରଚାର କରଇ, ତୁମ୍ଭେମାନେ ପ୍ରାନ୍ତରରେ ସଦାପ୍ରଭୁଙ୍କ ପଥ ପ୍ରସ୍ତୁତ କର, ମରୁଭୂମି ମଧ୍ୟରେ ଆମ୍ଭମାନଙ୍କ ପରମେଶ୍ୱରଙ୍କ ନିମନ୍ତେ ରାଜପଥ ସଳଖ କର ।*
>
> *ପ୍ରତ୍ୟେକ ଉପତ୍ୟକା ଉଚ୍ଚ କରାଯିବ, ପ୍ରତ୍ୟେକ ପର୍ବତ ଓ ଉପପର୍ବତ ନୀଚ କରାଯିବ: ଓ ବକ୍ର ସଳଖ କରାଯିବ, ଆଉ ରଗଡ଼ା ସ୍ଥାନସବୁ ସମାନ କରାଯିବ:*
>
> *ପୁଣି, ସଦାପ୍ରଭୁଙ୍କ ମହିମା ପ୍ରକାଶିତ ହେବ, ଓ ଯାବତୀୟ ମର୍ତ୍ତ୍ୟ ଏକତ୍ର ତାହା ଦେଖିବେ । କାରଣ ସଦାପ୍ରଭୁଙ୍କ ମୁଖ ଏହା କହିଅଛି ।*

ବର୍ତ୍ତମାନ ଶାମୁୟେଲଙ୍କ ପୁସ୍ତକରେ, ପ୍ରଥମ ଶାମୁୟେଲ, ୩ୟ ପର୍ବ, ମୁଁ ତା'ର 1ମ, 2ୟ, ଏବଂ 19ଶ ପଦ ପାଠ କରିବାକୁ ଚାହେଁ:

*ସେସମୟରେ ବାଳକ ଶାମୁୟେଲ ଏଲିଙ୍କ ସମ୍ମୁଖରେ ସଦାପ୍ରଭୁଙ୍କର ପରିଚର୍ଯ୍ୟା କଲେ । ସେ କାଳରେ ସଦାପ୍ରଭୁଙ୍କ ବାକ୍ୟ ଦୁର୍ଲଭ ଥିଲା; ପ୍ରକାଶ୍ୟ ଦର୍ଶନ ନ ଥିଲା ।*

*ଏହି ସମୟରେ, ଏଲିଙ୍କ ଚକ୍ଷୁ ଧନ୍ଦଳା ହେବାକୁ ଲାଗିଲା, ଏଣୁ ସେ ଦେଖି ପାରିଲେ ନାହିଁ, ଏକ ଦିନ ସେ ଆପଣା ସ୍ଥାନରେ ଶୋଇଥିଲେ;*

*ଓ ପରମେଶ୍ୱରଙ୍କ ସିନ୍ଦୁକ ଯେଉଁ ସ୍ଥାନରେ ଥାଏ, ଏପରି ସଦାପ୍ରଭୁଙ୍କ ମନ୍ଦିରରେ, ପରମେଶ୍ୱରଙ୍କ ପ୍ରଦୀପ ଲିଭିବା...ଯେତେବେଳେ ଶାମୁୟେଲ ଶୋଇଥିଲେ;*

*ସେତେବେଳେ ସଦାପ୍ରଭୁ...ଡାକିଲେ ସେ କହିଲେ, ମୁଁ ଏଠାରେ ଅଛି ।*

ତେବେ 19ଶ ପଦ:

*ଅନନ୍ତର ଶାମୁୟେଲ ବଢ଼ିଲେ, ଓ ସଦାପ୍ରଭୁ ତାଙ୍କ ସଙ୍ଗେ ଥାଇ, ତାଙ୍କର କୌଣସି କଥାକୁ ସେ ତଳେ ପଡ଼ିବାକୁ ଦେଲେ ନାହିଁ ।*

20 ଓଃ, ତାହା ତ ଯଥେଷ୍ଟ ମୂଳପାଠ ହେବ ଯାହାକୁ ଆମେ ଏଠାରେ ଗୋଟିଏ ମାସ ପାଇଁ କହିପାରିବା, ଏବଂ ଏହି ଗୌରବମୟ ମୂଳପାଠରୁ ଆମେ ଅନେକ ପ୍ରସଙ୍ଗ ନେଇପାରିବା । ମାତ୍ର ଆଜି ସକାଳରେ, ଆଉ ଆମ ପାଖରେ ଆମର ସମୟଠାରୁ ଉଚିତ୍ ସମୟରେ ବାହାରି ଯିବା ପାଇଁ ପ୍ରାୟଃ କୋଡ଼ିଏ ମିନିଟ୍ ଅଛି...ମୁଁ ଅନୁମାନ କରେ ଯେ ରବିବାର ଶ୍ରେଣୀ ସମାପ୍ତ ହୋଇଯାଇଛି କିଅବା ତାହା ବୋଧହୁଏ ଏହା ପରେ ଆରମ୍ଭ ହେବ, ମୁଁ ଜାଣେ ନାହିଁ । ମାତ୍ର, ଯାହାହେଉ, ମୁଁ ଏହି ମୂଳପାଠକୁ ବ୍ୟବହାର କରିବା ପାଇଁ ଚାହେଁ, *ଏହି ଶେଷ ଦିନମାନଙ୍କରେ ପରମେଶ୍ୱରଙ୍କ ରବ ।*

21 ଏହା ଏକ ଅତ୍ୟନ୍ତ ଉଲ୍ଲେଖନୀୟ ସମୟ ଅଟେ । ଆମେମାନେ ଏହା ଅନୁଭବ କରୁ ଯେ ଶାସ୍ତ୍ରର କେଉଁ ଅଂଶଗୁଡ଼ିକରୁ ଆମେ ତାହା କହୁଅଛୁ, ଯାହାକି ଏହା ବ୍ୟକ୍ତ କରେ, "ଶାମୁୟେଲଙ୍କ ଦିନମାନରେ ପ୍ରକାଶ୍ୟ ଦର୍ଶନ ନ ଥିଲା ।" ଏଣୁକରି, "ଯେଉଁଠାରେ କୌଣସି ଦର୍ଶନ ନ ଥାଏ," ବାଇବଲ କହେ, "ଲୋକମାନେ ବିନଷ୍ଟ ହୁଅନ୍ତି ।" ଆମମାନଙ୍କର ଏକ ଦର୍ଶନ ରହିବା ଉଚିତ୍ । ଆଉ ଦର୍ଶନଗୁଡ଼ିକ ଭବିଷ୍ୟଦ୍‌ବକ୍ତାମାନଙ୍କ ପାଖକୁ ଆସିଥାଏ, ଆଉ ଏହା ପ୍ରଭୁଙ୍କର ବାକ୍ୟ ଅଟେ ଯାହା ସେମାନଙ୍କୁ କୁହା ଯାଇଥାଏ ।

22 ଆଉ ଆମେମାନେ ଏହା ପାଉ ଯେ ଏଲି ଜଣେ ଭବିଷ୍ୟଦ୍‌ବକ୍ତା ନ ଥିଲେ, ଏଲି ଜଣେ ଯାଜକ ଥିଲେ । ଆଉ ସେ ବୃଦ୍ଧ ହେଉଥିଲେ, ଏବଂ ତାଙ୍କର ଚକ୍ଷୁ ଧନ୍ଦଳା ହେଉଥିଲା, ଓ ସେ

ତାଙ୍କର ଚାରିପାଖ ବୁଲି ଦେଖିପାରୁ ନ ଥିଲେ, ଜଣେ ବହୁତ ଭାରୀ ଲୋକ ଥିଲେ । ଆଉ ସେ ପ୍ରଭୁଙ୍କ କାର୍ଯ୍ୟକୁ ସେହିପରି ଅସମ୍ପୂର୍ଣ୍ଣ ଛାଡ଼ି ଦେବାକୁ ଆରମ୍ଭ କରି ଦେଇଥିଲେ ।

23 ଆଉ ତାହା କିଛି ଗୋଟାଏ ଆଜି ପରିକା ଅଟେ । ମୁଁ ଭାବୁଛି ଯେ ମଣ୍ଡଳୀ, ସଂଗଠନ ଏବଂ ନାମଧାରୀ ସଂସ୍ଥାମାନ, ସେମାନେ ଦୀର୍ଘ ସମୟ ହେଲାଣି ପ୍ରଚାର କ୍ଷେତ୍ରରେ ରହି ଆସିଛନ୍ତି, ଏବଂ ସେମାନେ ହୁଗୁଳା ହେବାକୁ ଲାଗିଲେଣି । ଆଉ ପ୍ରଭୁଙ୍କ କାର୍ଯ୍ୟ ଅସମ୍ପୂର୍ଣ୍ଣ ଭାବେ ଛଡ଼ା ଯାଉଅଛି, ସତ୍ୟର ସେହି ବାକ୍ୟଟି, କାରଣ ମଣ୍ଡଳୀ, ନିଜେ ସ୍ୱୟଂ, ଧନ୍ଦଳା-ଦୃଷ୍ଟିବିଶିଷ୍ଟ ହୋଇଯାଇଛି । ଆଉ ଆଜି, ଆମମାନଙ୍କୁ ପ୍ରୟୋଜନ ଅଛି, ପରମେଶ୍ୱରଙ୍କ ସେହି ରବ ଆମମାନଙ୍କ ମଧ୍ୟରେ କଥା କହୁ, ଆମମାନଙ୍କୁ ଫେରାଇ ଆଣୁ ।

24 ଆଉ, ଦେଖନ୍ତୁ, ଏଲି ଶୋଇଥିଲେ, ଏବଂ...ତାଙ୍କର ଦୃଷ୍ଟିଶକ୍ତି ବିଫଳ ହେଉଥିଲା । ସେ ଜଣେ ଯାଜକ ଥିଲେ । ଏବଂ ସେମାନଙ୍କଠାରେ ପ୍ରଭୁଙ୍କଠାରୁ କୌଣସି ପ୍ରକାଶ୍ୟ ଦର୍ଶନ ନ ଥିଲା । ଆଉ ସେହି ମହାନ୍ ପ୍ରୟୋଜନ ବିଷୟ!

25 ପୁଣି ପରମେଶ୍ୱର ସମୟର ପ୍ରୟୋଜନକୁ ପୂରଣ କରିବାକୁ ପ୍ରତିଜ୍ଞା କରିଅଛନ୍ତି । ସେ ସଦାସର୍ବଦା ତାହା କରିଥାଆନ୍ତି । ଆଉ ଆଜି ଆମମାନେ ପରମେଶ୍ୱରଙ୍କ ରବର ପ୍ରୟୋଜନ କରୁ, ଯେପରିକି ସମୟର ଆବଶ୍ୟକତାକୁ ପୂରଣ କରେ, ଆମେ ରହୁଥିବା ସମୟର ଆବଶ୍ୟକତାକୁ ପୂରଣ କରେ । ପୁଣି ସେ ଏହା ପ୍ରତିଜ୍ଞା କରିଥିବା ପରେ, ଆମେ ଏଥିରେ ସୁନିଶ୍ଚିତ ହୋଇପାରୁ ଯେ ସେ ତାଙ୍କର ପ୍ରତିଜ୍ଞାକୁ ରକ୍ଷା କରିବେ । ଏହାହିଁ ସେହି ଭରସା ଯାହାକି ଜଣେ ବିଶ୍ୱାସୀର ତାହାର ସୃଷ୍ଟିକର୍ତ୍ତାଙ୍କ ଉପରେ ରହିଥାଏ, ଯେ ସେ ଆବଶ୍ୟକତାକୁ ପୂରଣ କରିବା ପାଇଁ ପ୍ରତିଜ୍ଞା କରିଅଛନ୍ତି ।

26 ଆଉ, ଆଜି, ସେହି ଗୋଟିଏ କାରଣ ଯେ ମଣ୍ଡଳୀ ସେହିପରି ଅବସ୍ଥାରେ ରହିଛି, ତାହା ହେଲା ଅନେକ ଗୁଡ଼ିଏ ରବମାନ ଅଛି, ମଣ୍ଡଳୀକୁ ପରମେଶ୍ୱରଙ୍କ ରବଠାରୁ ଆକର୍ଷିତ କରି ଅନ୍ୟତ୍ର ନେଇଯିବା ପାଇଁ ଅନ୍ୟାନ୍ୟ କେତେ ଗୁଡ଼ିଏ ରବ ଅଛି, ଏପରିକି ତାହା ଅତ୍ୟନ୍ତ ସନ୍ଦେହଜନକ ଯେ ଅନେକେ ପରମେଶ୍ୱରଙ୍କ ସେହି ରବକୁ ଶୁଣିବେ ଯଦିଓ ତାହା ଠିକ୍ ସେମାନଙ୍କ ମଧ୍ୟରେ କୁହା ଯାଇଥାଏ । ସେମାନେ ବୋଧହୁଏ ଏହାକୁ ବୁଝିବେ ସୁଦ୍ଧା ନାହିଁ, କାରଣ ଏହା ସେମାନଙ୍କ ପାଇଁ ଏକ ଅଜଣା ବିଷୟ ହେବ । ସେମାନେ ତ ଆପଣାକୁ ସେହି ଦିନର ରବଗୁଡ଼ିକ ଉପରେ ଏତେ ଅଧିକ କେନ୍ଦ୍ରିତ କରି ନେଇଥା'ନ୍ତି!

27 ଆଉ ଯଦି ଆମେମାନେ ଲକ୍ଷ୍ୟ କରିବା, ଆମମାନଙ୍କର ଶାସ୍ତ୍ର ପଠନରେ, ଯେ ପରମେଶ୍ୱରଙ୍କ ରବ ସେମାନଙ୍କ ପାଇଁ ଅଜଣା ଥିଲା ।

28 ଆଉ ତାହା ଆଜି ପୁଣିଥରେ ସେହିପରି ହୋଇ ଯାଇଅଛି, ଯେ ପରମେଶ୍ୱରଙ୍କ ରବ... ଅନ୍ୟାନ୍ୟ କେତେ ଗୁଡ଼ିଏ ରବମାନ ଅଛି । ପୁଣି ତା'ପରେ ଯଦି ପରମେଶ୍ୱର ପ୍ରତିଜ୍ଞା କରିଛନ୍ତି ଯେ ସେ ଆମକୁ ତାହା ପ୍ରଦାନ କରିବେ, ଆଉ ଅନ୍ୟାନ୍ୟ ରବଗୁଡ଼ିକ ଯଦି ପରମେଶ୍ୱରଙ୍କ ରବର ବିରୋଧାତ୍ମକ ଅଟେ, ତାହାହେଲେ ଏହା ନିଶ୍ଚିତ ଭାବରେ ଆମର ଶତ୍ରୁର ରବ

ହୋଇଥିବା ଉଚିତ୍, ଯେ ଆମକୁ ବିଭ୍ରାନ୍ତ କରେ, ଯେପରିକି ଆମେ ପରମେଶ୍ୱରଙ୍କ ରବକୁ ନ ବୁଝିପାରୁ ଯେତେବେଳେ ତାହା କୁହାଯାଏ।

29 ଆଉ ଆମେ ଏହା ଲକ୍ଷ୍ୟ କରୁ ଯେ ତାହା ଏଲି ଏବଂ ଶାମୁୟେଲଙ୍କ ସହିତରେ ଥିବା ପରି କିଛି ଗୋଟାଏ ସମାନ ବିଷୟ ଥିଲା, ମାତ୍ର ଏଲି ସଙ୍ଗେ ସଙ୍ଗେ ଏହା ଜାଣିପାରିଲେ ଯେ ତାହା ପରମେଶ୍ୱର ଥିଲେ। ଏବଂ ତାହା ସମ୍ପୂର୍ଣ୍ଣ ଭାବରେ ଏଲିଙ୍କ ଉପରେ ଏକ—ଏକ ଈଶ୍ୱରନିନ୍ଦାର ବିଷୟ ଥିଲା। କାରଣ, ପରମେଶ୍ୱରଙ୍କ ରବ, ଶାମୁୟେଲ ସହିତରେ କଥା ହେବାବେଳେ, ତାଙ୍କୁ ଏଲିଙ୍କର ଭୁଲ୍ କାମ ବିଷୟରେ କହିଥିଲେ, କାରଣ ସେ ତାଙ୍କର ପୁତ୍ରମାନଙ୍କୁ ଅତିଶୟ ପ୍ରେମ ଓ ଯତ୍ନ ସହକାରେ ରଖିଥିଲେ, ଏବଂ ସେମାନେ ଧନ ସଂଗ୍ରହ କରୁଥିଲେ ଓ—ଓ ନୈବେଦ୍ୟରୁ ମାଂସ ଗ୍ରହଣ କରୁଥିଲେ। ତାହା ଠିକ୍ ନ ଥିଲା। ଏବଂ ସେମାନେ ପରମେଶ୍ୱରଙ୍କ ବାକ୍ୟର ବିରୁଦ୍ଧରେ, ଭୁଲ୍ କାର୍ଯ୍ୟସବୁ କରୁଥିଲେ।

30 ଆଉ ଶାମୁୟେଲଙ୍କ ପାଖରେ ଥିଲା…ଗୋଟିଏ ବିଷୟ କେବଳ ଯାହା ଶାମୁୟେଲ କରି ପାରିଥା'ନ୍ତେ, ତାହା ହେଲା ଅବିକଳ ଭାବେ ସବୁ ବିଷୟ କହିବା। ଆଉ ସେ ଏହା କରିବାକୁ ଟିକେ ଅନିଚ୍ଛା ପ୍ରକାଶ କଲେ, କାରଣ ଏହା ଠିକ୍ ସେହି ସ୍ଥାନର ବିରୁଦ୍ଧରେ ଥିଲା ଯେଉଁ ସ୍ଥାନକୁ ତାଙ୍କୁ ଲାଳନ ପାଳନ କରାଯିବା ହେତୁ ପଠା ଯାଇଥିଲା, ଏଲିଙ୍କ ପାଖକୁ ଏବଂ ମନ୍ଦିରରେ। ମାତ୍ର ଏଲି କହିଲେ, "କୁହ।" ବୁଝିଲେ? ଆଉ ସେ ତାହାଙ୍କୁ ଅବିକଳ ତାହା କହିଲେ ଯାହା ଘଟିବାକୁ ଯାଉଥିଲା, ଯେ ଶାମୁୟେଲ…କିମ୍ବା, "ଯାଜକ ଭାବରେ, ଏଲିଙ୍କ ଦିନ ସମାପ୍ତ ହେଲାଣି," କାରଣ ପରମେଶ୍ୱର ତାହା କହିଥିଲେ, ଆଉ ପରମେଶ୍ୱର ଶାମୁୟେଲ ଭବିଷ୍ୟଦ୍‌ବକ୍ତାଙ୍କ ଜରିଆରେ ତାହାଙ୍କର ବାର୍ତ୍ତା ପଠାଉଥିଲେ। ଅତି ବିଚିତ୍ର ଜନ୍ମ, ଏକ ଶିଶୁ ବେଳଠୁଁ ହିଁ ପ୍ରଭୁଙ୍କ ପ୍ରତି ସମର୍ପିତ। ପରମେଶ୍ୱର ତାଙ୍କୁ ପିଲାଟି ବେଳଠୁଁ, କଥା କହିଥିଲେ, ଏବଂ ତାଙ୍କୁ ଆଗାମୀ ଏକ କାର୍ଯ୍ୟ ନିମନ୍ତେ ପ୍ରସ୍ତୁତ କରୁଥିଲେ। ଆଉ ଏଲିଙ୍କ ସମୟ ସମାପ୍ତ ହେଉଥିଲା।

31 ଆଜି ପୃଥିବୀରେ ଅନେକ ଗୁଡ଼ିଏ ରବମାନ ଅଛି, ଯେ ଏହା ଏକ ସମ୍ପୂର୍ଣ୍ଣ କଠିନ ବିଷୟ ଅଟେ, କାରଣ ଏହା ପରମ ଅଲୌକିକର ରବକୁ ମୃତପ୍ରାୟଃ ନିଃଶବ୍ଦ କରି ଦେଇଥାଏ। ସେଠାରେ ଏତେ ଅଧିକ ବୌଦ୍ଧିକ ରବମାନ ଅଛି, ଶକ୍ତିଶାଳୀ ବ୍ୟକ୍ତିମାନଙ୍କର ମହାନ୍ ରବମାନ ଅଛି ଯେଉଁମାନେକି ବୁଦ୍ଧିଜୀବୀ ଅଟନ୍ତି, ଯେ, ସେମାନଙ୍କର ବୌଦ୍ଧିକ ଅବସ୍ଥାରେ, ସେମାନେ ରାଷ୍ଟ୍ରଗୁଡ଼ିକୁ ସୁଦ୍ଧା କମ୍ପିତ କରି ଦିଅନ୍ତି। ସେମାନେ କେବଳ ଗୋଟିଏ ରାତ୍ରିରେ-ଫୁଟିଥିବା ଲୋକ ପରି ନୁହଁନ୍ତି, ମାତ୍ର ସେମାନେ ରାଷ୍ଟ୍ରଗୁଡ଼ିକୁ କମ୍ପାଇ ଦିଅନ୍ତି, ବଡ଼ ବଡ଼ ସଂଗଠନଗୁଡ଼ିକୁ ଏକାଠି କରି ଆଣନ୍ତି, ବଡ଼ ବଡ଼ ଅଭିଯାନମାନ, ସୁନ୍ଦର ମନୋହର ବିଷୟଗୁଡ଼ିକୁ ସାଧନ କରନ୍ତି। ଆଉ ଜଣେ ବ୍ୟକ୍ତି ଟିକେ ଦ୍ୱନ୍ଦରେ ପଡ଼ିଯିବ। ଏହା ସେମାନଙ୍କୁ ଭ୍ରମିତ କରିବା ପାଇଁ ଯଥେଷ୍ଟ ଅଟେ, ଯେ ଏହି ବିଷୟଗୁଡ଼ିକ କିପରି ଭାବରେ ଚାଲିଥାଏ ଏବଂ ସମୃଦ୍ଧ ହେଉଥାଏ। ଆଉ ସେଠାରେ ରବଗୁଡ଼ିକ ଥାଏ ଯାହାକି—ଯାହାକି ଉଠନ୍ତି

ଓ ଏହିସବୁ ବିଷୟଗୁଡ଼ିକୁ ସାଧନ କରନ୍ତି, ପୁଣି ତାହା ପରମେଶ୍ୱରଙ୍କ ରବକୁ, ପରମେଶ୍ୱରଙ୍କ ପ୍ରକୃତ ରବକୁ ପଛରେ ଗୋଟାଏ କେଉଁ ସ୍ଥାନକୁ ଠେଲି ଦେଇଥାଏ ।

32 "ଆଉ ପରମେଶ୍ୱରଙ୍କ ରବ," ସେମାନେ କହନ୍ତି, "ଆମେ କିପରି ଜାଣିବା ଯେ ତାହା ପରମେଶ୍ୱରଙ୍କ ରବ ଅଟେ?" କାରଣ, ଆଜିର ପାଇଁ…ସେତେବେଳେ ତ ତାହା ଏକ ସୁପ୍ରମାଣିତ ଭବିଷ୍ୟଦ୍‌ବକ୍ତାଙ୍କଠାରେ ଥିଲା । ତେବେ, ଆଜି, ଆମେମାନେ କିପରି ଜାଣିବା ଯେ ତାହା ପରମେଶ୍ୱରଙ୍କ ରବ ଅଟେ, କାରଣ ତାହା ତ ଭବିଷ୍ୟଦ୍‌ବକ୍ତାଙ୍କ ବାକ୍ୟର ପ୍ରକଟୀକରଣ ଅଟେ । *ଏହା* ହେଉଛନ୍ତି ପରମେଶ୍ୱରଙ୍କ ଭବିଷ୍ୟଦ୍‌ବକ୍ତା । ଏବଂ ପରମେଶ୍ୱରଙ୍କ ଜଣେ ପ୍ରକୃତ ରବ କେବଳ ସେହି ବାସ୍ତବିକ, ଜୀବନ୍ତ, ପରମ ଅଲୌକିକ ପରମେଶ୍ୱରଙ୍କୁ ଫେରାଇ ଆଣିଥାଏ, ତାହାଙ୍କର ପରମ ଅଲୌକିକ ବାକ୍ୟ ସହିତରେ, ସତ୍ୟ ବାକ୍ୟର ପରମ ଅଲୌକିକ ପ୍ରକଟୀକରଣ ସହିତରେ ଫେରାଇ ଆଣିଥାଏ । ତା'ପରେ ଆମେ ଜାଣୁ ଯେ ତାହା ପରମେଶ୍ୱରଙ୍କ ରବ ଅଟେ । ଯେହେତୁ, ପୁଣି ସେହି ଅଲୌ-…ଅନ୍ୟାନ୍ୟ ପରିସରମାନଙ୍କରେ ଏପରି ବହୁତ କିଛି ବିଷୟମାନ ଅଛି, ଯାହାକି ତାହାକୁ ପ୍ରାୟଃ ସମ୍ପୂର୍ଣ୍ଣ ଭାବେ ମୃତ କରି ଦେଇଥାଏ । ମାତ୍ର, ମନେ ରଖନ୍ତୁ, ଏହା ଚମକିବ, ଏହା ବାହାରି ଆସିବ! ଏହା ତାହା ସାଧନ କରିବ ।

33 ତେବେ, ଆଜି ରାଜନୀତି ଜଗତରେ ଏକ ରବ ଅଛି । ତାହା ଏକ ମହାନ୍ ରବ ଅଟେ । ଆଉ ଲୋକମାନେ, ସମ୍ପୂର୍ଣ୍ଣ ଭାବେ, ରାଜନୀତିର ଏହି ମହାନ୍ ଦିନରେ, ସେମାନେ କରିବେ…ଏହା ସବୁକିଛି ସେମାନଙ୍କର ମଣ୍ଡଳୀଗୁଡ଼ିକରେ ଓ ସମସ୍ତ କିଛି ବିଷୟରେ ମିଶ୍ରିତ ହୋଇ ଯାଇଅଛି । ପୁଣି ଅନେକ ଥର, ଯାହାକି ଆମେମାନେ ବର୍ତ୍ତମାନ ହିଁ ନିକଟ ସମୟରେ ଦେଖିଅଛୁ, ଯେ ରାଜନୀତିର ରବଟା ପ୍ରକୃତରେ ମଣ୍ଡଳୀଗୁଡ଼ିକରେ ରହିଥିବା ସେହି ପରମେଶ୍ୱରଙ୍କ ରବଠାରୁ ଅଧିକ ଶକ୍ତିଶାଳୀ ଅଟେ, ନୋହିଲେ ଆମେରିକୀୟ ଲୋକମାନେ ତାହା କଦାପି କରି ନ ଥାଆନ୍ତେ ଯାହାକି ସେମାନେ ବର୍ତ୍ତମାନ କଲେ । ବୁଝିଲେ? ସେମାନେ ତାହା କଦାପି କରି ନ ଥାଆନ୍ତେ । ଯଦି ପରମେଶ୍ୱରଙ୍କ ରବକୁ ମଣ୍ଡଳୀରେ ଜୀବନ୍ତ ରଖା ଯାଇଥା'ନ୍ତା, ତାହାହେଲେ ସେମାନେ ସେହି ଭୁଲ୍ ଗୁଡ଼ିକୁ କେବେବି କରି ନ ଥାଆନ୍ତେ । କିନ୍ତୁ ଆଜି ପୃଥିବୀରେ ରାଜନୀତିର ରବଟା ପରମେଶ୍ୱରଙ୍କ ରବ ଅପେକ୍ଷା ଏତେ ଅଧିକ ଶକ୍ତିଶାଳୀ ଅଟେ, ଯେ ଏପରିକି ଲୋକମାନେ ସେମାନଙ୍କର ଖ୍ରୀଷ୍ଟିୟ ଜନ୍ମସିଦ୍ଧ ଅଧିକାରକୁ ଲୋକପ୍ରିୟତା, ଶିକ୍ଷା, ଓ ରାଜନୈତିକ କ୍ଷମତାର ଏକ ବିଶୃଙ୍ଖଳା ନିମନ୍ତେ ବିକ୍ରୟ କରି ଦେଇଅଛନ୍ତି । ଏହା ଦେଖିବା ଅତ୍ୟନ୍ତ ଲଜ୍ଜାଜନକ ଅଟେ । ଠିକ୍ ଯେଉଁ ବିଷୟ ଉପରେ ଆଧାର କରି ଆମର ରାଷ୍ଟ୍ର ନିର୍ମିତ ହୋଇଥିଲା, ଯାହା ଉପରେ ଏହା ନିର୍ମାଣ ହୋଇଅଛି, ଲୋକମାନେ ଠିକ୍ ପଛକୁ ବୁଲି ଫେରି ଯାଇଅଛନ୍ତି ଓ—ଓ ସେହି ବିଷୟକୁ ନିର୍ବାଚିତ କରି ବାଛି ନେଇଛନ୍ତି ଯାହା ପାଇଁ ଆମେ ଅନ୍ୟ ଦେଶ ଛାଡ଼ିକି ଆସିଥିଲୁ । ପୁଣି ସେହି—ପୁଣି ସେହି ପ୍ଲାଇମାଉଥ୍ ରକ୍, ଏବଂ *ମେଫ୍ଲାୱାର* ଓ ସେଗୁଡ଼ିକ, ଏଠାକୁ ଆସି ଯାଇଛନ୍ତି ଓ—ଓ ଏହି ମହାନ୍ ଅର୍ଥବ୍ୟବସ୍ଥାକୁ ଯାହାକି ଆମମାନଙ୍କ ପାଖରେ ରହିଛି ସ୍ଥାପନା କରିଅଛନ୍ତି । ଠିକ୍ ଯେଉଁ ବିଷୟରୁ ବାହାରି ଆସିବା ପାଇଁ ଆମେ

ଏତେ କଠିନ ସଂଘର୍ଷ କଲୁ, ଆମେମାନେ ପୁଣି ଥରେ ନିଜକୁ ଠିକ୍ ସେହି ବିଷୟର କବଳରେ କରି ଦେଇଅଛୁ, କାରଣ ବାଇବଲ କହେ ଯେ ଏହା ସେହିପରି ହିଁ ହେବ।

34 ଏବଂ ଏଲିର ସେହି ବ୍ୟବସ୍ଥା: ଜଣେ ଭବିଷ୍ୟଦ୍‌ବକ୍ତାଙ୍କ ବଦଳରେ ଜଣେ ଯାଜକ। ଭବିଷ୍ୟଦ୍‌ବକ୍ତା ହେଉଛନ୍ତି ବାକ୍ୟ। ଆଉ ଯାଜକ ହେଲେ ମଣ୍ଡଳୀ।

35 ଆଉ ତାହା ଏମିତି ଏକ ସ୍ଥାନରେ ପହଞ୍ଚିଅଛି ଯେ ଏପରିକି ତାହା ଏତେ ହୁଗୁଳା ହେବା ଆରମ୍ଭ ହୋଇଯାଇଛି ଯେ ସେହି ବାକ୍ୟ ଲୋକମାନଙ୍କ ପାଇଁ ଅଜଣା ଅଟେ। ସେମାନେ ତାହା ବୁଝୁ ନାହାଁନ୍ତି। ତେବେ ଆପଣ ତାହା କହିପାରନ୍ତି, ଓ ସେମାନେ ତାହା ବୁଝନ୍ତି ନାହିଁ, କାରଣ ସେମାନେ ତାହା ପାଇଁ ପ୍ରଶିକ୍ଷିତ ନୁହଁନ୍ତି। ପାଉଲ କହିଲେ, "ଯଦି ତୂରୀ ଏକ ଅସ୍ପଷ୍ଟ ଧ୍ୱନି ଦିଏ, ତେବେ କିଏ ଆପଣାକୁ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ କରିବାକୁ ଜାଣିବ?"

36 ଲୋକମାନେ ତ ଏକ—ଏକ—ଏକ ମଣ୍ଡଳୀର ରବ, ଏକ ମଣ୍ଡଳୀର ତୂରୀ ପ୍ରତି ପ୍ରଶିକ୍ଷିତ ଅଟନ୍ତି, "ଆମମାନଙ୍କର ରବିବାର ଶ୍ରେଣୀର ଶିକ୍ଷାରେ ଅବଶିଷ୍ଟ ସମସ୍ତଙ୍କ ତୁଳନାରେ ଆମର ଅଧିକ ଲୋକ ଅଛନ୍ତି।" ତାହାର କୌଣସି ଅର୍ଥ ହିଁ ନାହିଁ। "ଆମମାନଙ୍କର ନାମଧାରୀ ସଂସ୍ଥାରେ ଅବଶିଷ୍ଟ ସମସ୍ତଙ୍କ ତୁଳନାରେ ଆମର ଅଧିକ ଲୋକ ଅଛନ୍ତି। ଆମେମାନେ ନାମଧାରୀ ସଂସ୍ଥାମାନଙ୍କ ମଧ୍ୟରେ ସବୁଠୁଁ ବଡ଼ ଅଟୁ।" ଦେଖନ୍ତୁ, ସେହି ପ୍ରକାରର ଏକ ରବ ନିମନ୍ତେ ଲୋକମାନେ ପ୍ରଶିକ୍ଷିତ ଅଟନ୍ତି। ରାସ୍ତାରେ, ସେମାନେ ଲୋକମାନଙ୍କୁ ଆଣିବାକୁ ବାହାରି ଯାଆନ୍ତି ଓ ସେମାନଙ୍କୁ ଭିତରକୁ ନେଇ ଆସନ୍ତି। ହଜାର ହଜାର ଲକ୍ଷ ଲକ୍ଷ ଲୋକମାନଙ୍କୁ ବଡ଼ ଅଭିଯାନରେ, ସେମାନଙ୍କୁ ଭିତରକୁ ନେଇ ଆସନ୍ତି। ସେମାନେ କେଉଁ ବିଷୟ ପ୍ରତି ଆଗ୍ରହୀ ଅଟନ୍ତି? "ଆମମାନଙ୍କର ସବୁଠୁ ବଡ଼ ଗୀର୍ଜାଘର ଅଛି। ଆମମାନଙ୍କର ସବୁଠୁ ବଡ଼ ମଣ୍ଡଳୀ ଅଛି। ଆମମାନଙ୍କ ପାଖରେ ରବିବାର ଶ୍ରେଣୀର ସବୁଠୁ ଅଧିକ-ସଂଖ୍ୟକ ସଦସ୍ୟ ଅଛନ୍ତି। ଆମ ସହରର ନଗରାଧ୍ୟକ୍ଷ ଆମର ଗୀର୍ଜାକୁ ଆସନ୍ତି।" ତାହା ସବୁ ଭଲ ହୋଇ ଥାଇପାରେ, ମାତ୍ର ଯଦି ସେହି ସମାନ ମଣ୍ଡଳୀ ପରମେଶ୍ୱରଙ୍କ ରବ ପ୍ରତି, ସୁସମାଚାର ତୂରୀ ପ୍ରତି ପ୍ରଶିକ୍ଷିତ ନ ଥାଏ, ତେବେ ତାହାର କି ଲାଭ ଅଟେ?

37 ଆଉ ଯେତେବେଳେ କୌଣସି ଏକ ବିଷୟ ଉଠି ଆସିଥାଏ ଯେପରିକି ତାହା ଠିକ୍ ଆମ ସରକାର ମଧ୍ୟରେ ଉଠି ଆସିଥିଲା, ତେବେ କ'ଣ ଘଟିଲା? ସେହି ମଣ୍ଡଳୀ ତୂରୀର ରବ ଜାଣି ନ ଥିଲା, ଆଉ ସେମାନେ ଏହା ଜାଣି ନ ଥିଲେ ଯେ କ'ଣ କରିବାକୁ ଥିଲା। ସମୃଦ୍ଧିର ସେହି ମହାନ୍ ପ୍ରତିଜ୍ଞା, ଜଣେ ବୁଦ୍ଧିଜୀବୀ ମହାତ୍ମା ଆସିଲେ, ଏବଂ ବାଇବଲ ଯାହା ଭବିଷ୍ୟଦ୍‌ବାଣୀ କରିଥିଲା, ଠିକ୍ ସେହି ବିଷୟର ଊର୍ଦ୍ଧ୍ୱରେ ଯାଇ ସେମାନେ ତାହାକୁ ଭିତରକୁ ନେଇ ଆସିଲେ। ଦେଖନ୍ତୁ, ଏକ ରାଜନୈତିକ ରବ! ଆଉ ତାହା ଏହା ପ୍ରମାଣିତ କଲା ଯେ ତାହା ସେହି ଧାର୍ମିକ ରବକୁ ଅତିକ୍ରମ କରିଥିଲା, ନଚେତ୍ ସେମାନେ ତାହା କଦାପି କରି ନ ଥାଆନ୍ତେ ଯାହା ସେମାନେ କଲେ, ସେହି ସୁସମାଚାର ରବ ସହିତ। କାରଣ ଆମକୁ

ଅନେକ ବିଷୟର ପ୍ରତିଶୃତି ଦିଆ ଯାଇଅଛି, ଆମକୁ ସମୃଦ୍ଧିର ପ୍ରତିଶୃତି ଦିଆ ଯାଇଅଛି, ଏବଂ ନିଃସନ୍ଦେହତଃ ମାତ୍ର ଆମେମାନେ ତାହା ପାଇବୁ ।

38 ମାତ୍ର, ତଥାପି, ଏହାର ଜଣେ ବିଶ୍ୱାସୀ ପାଇଁ କିଛି ଅର୍ଥ ନାହିଁ। ଏବ୍ରୀ ପୁସ୍ତକକୁ ଆସନ୍ତୁ, ତା'ର ଏକାଦଶ ଅଧ୍ୟାୟରେ, ସାଧୁ ପାଉଲ ଯାହା କହୁଛନ୍ତି ଶୁଣନ୍ତୁ, ଯେ ସେହି ଦିନମାନଙ୍କରେ, ସେମାନେ କିପରି, "ମେଷ ଚର୍ମ ଏବଂ ଛାଗ ଚର୍ମ ପିନ୍ଧି, ଏଣେ ତେଣେ ଭ୍ରମଣ କରୁଥିଲେ, କୌଣସି ସ୍ଥାନ ନ ଥିଲା, କୌଣସି ସହରକୁ ପ୍ରବେଶ କରିପାରୁ ନ ଥିଲେ ।"

39 ମୁଁ ନାଇସିଆ ପରିଷଦ ବିଷୟରେ ପାଠ କରୁଥିଲି, ଯେତେବେଳେ ନାଇସିଆ, ରୋମ୍‌ଠାରେ ବଡ଼ ପ୍ରସଙ୍ଗମାନ ଆସିଥିଲା, ଖ୍ରୀଷ୍ଟଙ୍କ ମୃତ୍ୟୁର ତିନି ଶହ ବର୍ଷ ପରେ, ସେହି ମହାନ୍ ନାଇସିଆ ପରିଷଦରେ, ଯେତେବେଳେ ସେହି ମହାନ୍ ମଣ୍ଡଳୀ ଯାହାକି ଠିକ୍ ପାଇଁ ଛିଡ଼ା ହେଲା, ସେମାନେ ବାଇବଲ ଚାହିଁଥିଲେ । ଏବଂ ରୋମ୍‌ର ପ୍ରଥମ ମଣ୍ଡଳୀର ରୋମାନ୍ ମନ ଫେରଣକାରୀମାନେ ଶିକ୍ଷା ସିଦ୍ଧାନ୍ତଗୁଡ଼ିକୁ ଯୋଗ କରି ଦେଇଥିଲେ, କହିବାକୁ ଗଲେ, ଉଦାହରଣ ସ୍ୱରୂପ, ଯେପରିକି ଆମମାନଙ୍କର ଖ୍ରୀଷ୍ଟମାସ ରହିଛି ।

40 ଖ୍ରୀଷ୍ଟମାସ, ଖ୍ରୀଷ୍ଟ ଡିସେମ୍ବର ମାସର—ର ପଚିଶ-ତମ ଦିନରେ ତାହାଠାରୁ ଅଧିକ ସେତିକି କିଛି ଜନ୍ମ ହୋଇ ନ ଥିଲେ ଯେତିକି ମୁଁ ଜନ୍ମ ହୋଇଥିଲି । କାହିଁକି, ଯିହୂଦାର ପର୍ବତ ଦେଶଗୁଡ଼ିକ ତ ତୁଷାରରେ ପରିପୂର୍ଣ୍ଣ ଥିଲା, ପୁଣି ସେ...ଏହା ତ ବାଇବଲର ଅନ୍ୟ ସମସ୍ତ ଭବିଷ୍ୟବାଣୀଗୁଡ଼ିକର ବିରୋଧାଭାସୀ ଅଟେ । ସେ ତ ବସନ୍ତ ଋତୁରେ ଜନ୍ମ ହୋଇଥିଲେ, ଯେପରିକି ସମସ୍ତ ମେଷଶାବକମାନ ଜନ୍ମ ହୋଇଥା'ନ୍ତି । କାହିଁକି ସେ ଏକ ଘର ପରିବର୍ତ୍ତେ ଏକ ଅମାରରେ ଜନ୍ମ ନେଲେ? ସେ ଏକ ମେଷଶାବକ ଥିଲେ । କାହିଁକି ସେ ସେହି ବେଦୀ ନିକଟକୁ କିଅବା ତାଙ୍କର ବେଦୀ ନିକଟକୁ ଯେଉଁଠାରେକି ତାଙ୍କୁ, ସେହି କ୍ରୁଶରେ କଣ୍ଟା ବିଦ୍ଧ କରା ଯାଇଥିଲା କେବଳ ଦୌଡ଼ି ଗଲେ ନାହିଁ? ତାଙ୍କୁ ତ କ୍ରୁଶ ନିକଟକୁ କଢ଼ାଇ ନିଆଗଲା । ଆପଣ ମେଷମାନଙ୍କୁ ବଧ କରିବା ନିମନ୍ତେ କଢ଼ାଇ ନିଅନ୍ତି । ସେ ଏକ ମେଷଶାବକ ଥିଲେ । ତାହାହେଲେ ସେ ସେତେବେଳେ ଜନ୍ମ ହେଲେ ଯେତେବେଳେ ମେଷଶାବକମାନେ ଜନ୍ମ ହୋଇଥା'ନ୍ତି ।

41 ମାତ୍ର, ଆପଣମାନେ ଦେଖନ୍ତୁ, ତାହା କରିବାକୁ ହେଲେ, ସେମାନଙ୍କ ପାଖରେ ସୂର୍ଯ୍ୟ-ଦେବତାର ଜନ୍ମଦିନ ରହିଥିଲା, ଯାହାକି, ସୌର ଜଗତରେ, ସେହି—ସେହି ସୂର୍ଯ୍ୟ ସେହି ପାଞ୍ଚ ଦିନରେ ଡିସେମ୍ବର କୋଡ଼ିଏରୁ ନେଇ ଡିସେମ୍ବର ପଚିଶ-ତମ ଦିନ ପର୍ଯ୍ୟନ୍ତ, ସୂର୍ଯ୍ୟର ଗତି, ଅତିଶୟ ମନ୍ଥର ଥାଏ । ତାହା—ତାହା ପ୍ରତ୍ୟେକ ଦିନ ଟିକେ ଟିକେ ବଦଳିଥାଏ, ତାହା ଦିନଗୁଡ଼ିକ ଟିକେ ଲମ୍ବା ଓ ଆଉ ଟିକେ ଲମ୍ବା ଓ ପୁଣି ଆଉ ଟିକେ ଲମ୍ବା ହୋଇ ଚାଲିଥାଏ ଯେପର୍ଯ୍ୟନ୍ତକି ତାହା ଜୁଲାଇରେ ତାହାର ଦୀର୍ଘତମ ଦିନକୁ ନ ଆସିଯାଏ । ଆଉ ତା'ପରେ, ଡିସେମ୍ବରରେ, ତାହାର ସବୁଠୁଁ ଛୋଟ ଦିନ ଆସେ । ଆଉ ତେବେ ସେହି ପଚିଶ-ତମର ସେହି କ୍ଷୁଦ୍ର ସମୟଟି, କୋଡ଼ିଏରୁ ନେଇ ପଚିଶ-ତମ ପର୍ଯ୍ୟନ୍ତ, ସେମାନଙ୍କର ରୋମାନ୍

ସର୍କସ୍ ଆମୋଦ ପ୍ରମୋଦଜନକ କ୍ରୀଡ଼ାମାନ ରହିଥିଲା ଏବଂ ସୂର୍ଯ୍ୟ-ଦେବତାର ଜନ୍ମଦିବସ ପାଳନ ବିଷୟ ରହିଥିଲା । ତା'ପରେ ପୁଣି ବୃହସ୍ପତି, ଯାହାକି ଜଣେ ରୋମାନ୍ ଦେବତା ଥିଲେ, ଆଉ ସେମାନେ ତାହାକୁ ଏହା ସହିତ, ଏହା କହି ଯୋଗ କରିଦେଲେ ଯେ, "ଆମେମାନେ ପରମେଶ୍ୱରଙ୍କ ପୁତ୍ର ଓ ସୂର୍ଯ୍ୟ-ଦେବତାର ଜନ୍ମଦିବସକୁ ଗ୍ରହଣ କରିନେବା, ସେମାନଙ୍କୁ ଏକାଠି ଏକ ସଙ୍ଗରେ କରି ଏକ ମହାନ୍ ଉତ୍ସବ ରୂପେ ପାଳନ କରିବା ।" ତାହା ବିରୋଧାଭାସୀ ଅଟେ! ଏବଂ, ଓଃ, ସେହି ଅନେକ ଯୋଗ କରିବା ବିଷୟମାନ ଯାହାକି ସେମାନେ ସେଠାରେ ତହିଁରେ ରଖିଲେ!

42 ଆଉ ତା'ପରେ ଯେତେବେଳେ ସେହି ପରମେଶ୍ୱରଙ୍କ ବାସ୍ତବିକ ଲୋକମାନେ ଯେଉଁମାନେକି ବାକ୍ୟ ସହିତ ରହିବାକୁ ଚାହିଁଲେ, ଯେପରିକି ପଲିକାର୍ପ୍, ଈରେନିୟସ୍, ମାର୍ଟିନ୍, ସେହି ମହାନ୍, ପ୍ରାରମ୍ଭିକ, ସାଧୁ ବ୍ୟକ୍ତିମାନେ ଯେଉଁମାନେକି ସତ୍ୟ ସହିତ ରହିବାକୁ ଚାହିଁଲେ...ଆଉ ଯେତେବେଳେ ସେମାନଙ୍କୁ ନାଇସିଆ ପରିଷଦ ମଧ୍ୟରେ ଅଣାଗଲା, ସେହି ଲୋକମାନଙ୍କ ମଧ୍ୟରୁ କେତେକଙ୍କୁ ଏପରି ଭାବରେ ପ୍ରତ୍ୟାଖ୍ୟାନ କରା ଯାଇଥିଲା ଯେ ଏପରିକି ଭବିଷ୍ୟଦ୍‌ବକ୍ତାମାନେ ବିନା କୌଣସି ବସ୍ତ୍ରରେ ମାତ୍ର ଖଣ୍ଡେ ମେଷଛାଲ କେବଳ ଗୁଡ଼େଇ ହୋଇ, ସେହି ପରିଷଦରେ ବସିବା ପାଇଁ ଜଙ୍ଗଲରୁ ବାହାରି ଆସିଥିଲେ । ମାତ୍ର ସେମାନେ ପ୍ରଭୁଙ୍କର ବାକ୍ୟ ଜାଣିଥିଲେ । କିନ୍ତୁ ଲୋକପ୍ରିୟତା, ସେହି ପନ୍ଦର ଦିନର ଅତି ନିମ୍ନସ୍ତରର ରାଜନୀତି, ଆଉ ତାହା ଏହାକୁ ଅତିକ୍ରମ କରିଥିଲା । ଦେଖନ୍ତୁ, ତା'ପରେ ଆମର ଏକ ହଜାର ବର୍ଷର ଅନ୍ଧକାର ଯୁଗ ରହିଥିଲା ।

43 ମାତ୍ର ପରମେଶ୍ୱର ପ୍ରତିଜ୍ଞା କରିଥିଲେ ଯେ ସେହି ତୂରୀ ପୁଣି ଥରେ ଧ୍ୱନି କରିବ । ସର୍ବଦା ଲୋକମାନେ ବାକ୍ୟର ପ୍ରକୃତ ରବକୁ ଶୁଣିଥା'ନ୍ତି, ମାତ୍ର ସର୍ବଦା ଏହା ପରୀକ୍ଷା କରନ୍ତୁ ଯେ ଆପଣ ସେହି ବାକ୍ୟ ଦ୍ୱାରା କ'ଣ କରନ୍ତି ।

44 ରାଜନୀତିର ରବ । ଆଉ ଆମେରିକାରେ ଆମମାନଙ୍କର ଓ ଅବଶିଷ୍ଟ ବିଶ୍ୱର ରାଷ୍ଟ୍ରଗୁଡ଼ିକରେ, ଆଜି ଏକ ଉଚ୍ଚ ସ୍ୱରରେ କହୁଥିବା ରବଟିଏ ଅଛି ଏବଂ ତାହା ହେଉଛି ଇଂରାଜୀ ସିନେମା ଜଗତ ହଲିଉଡର ରବ । ଏହା ବିଶ୍ୱକୁ କାବୁ କରି ନେଇଛି । ହଲିଉଡରେ କାହାରିକୁ କିଛି ନୂତନ ବିଷୟ ନେଇ ଆସିବାକୁ ଦିଅନ୍ତୁ, ଆପଣ ତାହାକୁ ସମଗ୍ର ରାଷ୍ଟ୍ରରେ ପାଇବେ । ତେବେ, ଆମେମାନେ ଲକ୍ଷ୍ୟ କରୁ ଯେ ସେମାନେ ଆମମାନଙ୍କର ମହିଳାମାନଙ୍କ ପାଇଁ, ସେମାନଙ୍କର ପୋଷାକ ପିନ୍ଧିବା ବିଷୟରେ, ସେମାନଙ୍କର କେଶ ବିନ୍ୟାସ ଶୈଳୀ ବିଷୟରେ ଏକ ଆଦର୍ଶକୁ ପ୍ରସ୍ତୁତ କରିଅଛନ୍ତି । ସେମାନେ ସେହି ପୋଷାକକୁ ସ୍ଥିର କରନ୍ତି ।

45 ମଣ୍ଡଳୀକୁ ତ ତାହା ବିଷୟରେ ପରମେଶ୍ୱରଙ୍କ ତୂରୀର ରବ ଜାଣିବା ଉଚିତ୍ ଅଟେ! ମାତ୍ର ସେଠାରେ ଏତେ ଅଧିକ ଦ୍ୱନ୍ଦ ଅଛି କାରଣ ଆପଣ ଅନ୍ୟମାନଙ୍କୁ, ଉଦାହରଣ ସ୍ୱରୂପ ସେହିପରି କରୁଥିବାର ଦେଖନ୍ତି । ଆପଣ କେବେବି ନିଜର ଆଦର୍ଶ ନିମନ୍ତେ ସେହି ପ୍ରକାରର

ଏକ ଉଦାହରଣକୁ ଗ୍ରହଣ କରନ୍ତୁ ନାହିଁ, କାରଣ ତାହା ନଷ୍ଟକଳ୍ପ ଅଟେ । ସର୍ବଦା ପରମେଶ୍ୱରଙ୍କ ରବ ଶୁଣନ୍ତୁ, ଏହା ବିଷୟରେ ଯାହା ସେ କୁହନ୍ତି ।

46 ଆଉ ତା'ପରେ ଆମେମାନେ ଲକ୍ଷ୍ୟ କରୁ ଯେ, ହଲିଉଡରେ, ସେମାନେ ବିଷୟଗୁଡ଼ିକୁ ଉଠାନ୍ତି । ଆଉ ଆମେମାନେ ଆଗକୁ ଯିବା ପୂର୍ବରୁ ମୋତେ ଅଳ୍ପ କିଛି କ୍ଷଣ ଏହା ଉପରେ ଟିକେ କହିବାକୁ ଦିଅନ୍ତୁ । ଅଧିକ ଦିନ ହୋଇନାହିଁ ସେଠାରେ ଗୋଟିଏ—ଗୋଟିଏ କିଛି ବିଷୟ ବାହାରି ଆସିଥିଲା, ଯେ ହଲିଉଡରେ ଜଣେ—ଜଣେ ବ୍ୟକ୍ତି...ବର୍ତ୍ତମାନ ସେହି ବ୍ୟକ୍ତିଙ୍କ ବିରୁଦ୍ଧରେ କିଛି ନାହିଁ, ସେ ତ ଜଣେ ମରଣଶୀଳ ବ୍ୟକ୍ତି ଅଟନ୍ତି ଯାହାଙ୍କ ପାଇଁ ଖ୍ରୀଷ୍ଟ ମରିଥିଲେ, ମାତ୍ର କେବଳ ଆପଣଙ୍କୁ ଦର୍ଶାଇବା ପାଇଁ । ସେମାନେ ଏକ ଛୋଟ ଜିନିଷ କିଛି ଉଦ୍ଭାବନ କଲେ, ଯାହାକି ପିଲାମାନେ ବ୍ୟବହାର କରନ୍ତି, ତାହାକୁ "ହୁଲା-ହୁପ୍," ହୁଲା-ହୁପ୍, କିମ୍ବା ସେପରି କିଛି ଡକାଯାଏ । ଆଉ ଯଦି ଆପଣ କେବେ ତାହାର ପଛେ ପଛେ ଆସୁଥିବା ସେହି ଅଶ୍ଳୀଳତା ଓ ସେହି ବିଷୟଗୁଡ଼ିକୁ ଲକ୍ଷ୍ୟ କରିବେ, ଯାହାକି, ସେହି ଛୋଟ ପିଲାମାନଙ୍କ ମଧ୍ୟରେ ରହିଥାଏ । ତାହା ଠିକ୍ ନୁହେଁ ।

47 ତେବେ, ହଲିଉଡ ସେହି ବନ୍ଧୁକଧାରୀ ଯୋଦ୍ଧାମାନଙ୍କରେ—ରେ ପରିପୂର୍ଣ୍ଣ ଅଟେ । ବର୍ତ୍ତମାନ, ଯିଏ କେହି ଇତିହାସ ଜାଣେ, ଏହା ଜାଣେ ଯେ ସେହି ପୁରୁଣା ଦିନମାନଙ୍କରେ ସେଠାରେ ଥିବା ସେହି ଲୋକମାନେ, ଯେଉଁମାନେକି ସେହି—ସେହି ଭିନ୍ନ ଲୋକମାନଙ୍କ ସଦୃଶ ବନ୍ଧୁକଧାରୀ ଯୋଦ୍ଧାମାନ ଥିଲେ, ସେମାନେ ଭଲ ନାଗରିକ ନ ଥିଲେ, ସେମାନେ ବିଦ୍ରୋହୀମାନେ ଥିଲେ, ସେମାନେ ଅଲ କାପୋନ୍ ଓ ଡିଲିଙ୍ଗର୍ ପରି ଥିଲେ । ସେମାନଙ୍କ ପାଖରେ ଏକ ହଲିଉଡ ନାଟକ ଅଛି ଯାହାକି ସେମାନେ ଦୂରଦର୍ଶନରେ—ରେ ଦେଖାନ୍ତି, ଯାହାକୁ କହନ୍ତି, ସେମାନେ ଡାକନ୍ତି, "ବନ୍ଧୁକର ଧୂଆଁ ।" ଅନ୍ୟ ଏକ ଦିନ, ମୁଁ *ମନିଟରରେ* ଶୁଣିଲି ଯେ, ସେହି ବ୍ୟକ୍ତି ଯିଏକି ଏହାକୁ ଅଭିନୟ କରିଛନ୍ତି, ଆର୍ନେସ୍ କିମ୍ବା ସେପରି କିଛି, ଅବା ଆର୍ନେସ୍, କିଅବା ତାହାର ନାମ କ'ଣ ମୁଁ ଭୁଲିଯାଉଛି, ଆଉ ତାହାଙ୍କୁ କରିବାକୁ ଥିଲା... ସେ ମ୍ୟାଟ୍ ଡିଲନ୍ ନାମକ ଚରିତ୍ରକୁ ଅଭିନୟ କରନ୍ତି ଯିଏକି କାନ୍‌ସାସ୍ ସହରରେ ଜଣେ ଆଇନ୍ ଆରକ୍ଷୀ ଥିଲେ । ଆଉ ମ୍ୟାଟ୍ ଡିଲନ୍ ଜଣେ ଅତି ଭୀରୁ ଲୋକ ଥିଲେ । ସେ ଡୋଜ୍ ନଗର ବାହାରେ ଯାଇ ଏକ ବୁଦା ପଛରେ ଅପେକ୍ଷା କରି, ଅଠେଇଶ-ଜଣ ନିରୀହ ଲୋକଙ୍କୁ, ପିଠି ପଛରେ ଗୁଳି କରିଥିଲେ । ଆଉ ଯେତେବେଳେ ଜଣେ ଲୋକ ଆସନ୍ତି, କେହି ଜଣେ ତାଙ୍କୁ ଡାକ ଦିଏ ଓ ତାଙ୍କୁ କହେ ଯେ ସେଠାରେ ଜଣେ ନିର୍ଦ୍ଦିଷ୍ଟ ଦୁଷ୍ଟ ବ୍ୟକ୍ତି ଆସୁଅଛି, ତେବେ ସେଠାରେ ଛପି କରି ରହିଥା'ନ୍ତି ଏବଂ, ଯେତେବେଳେ ସେହି ବ୍ୟକ୍ତି ଆସେ, ସେ ତାକୁ ପଛପଟୁ ଗୁଳି କରିଦିଅନ୍ତି । ତେବେ ଆମେମାନେ ପାଉ ଯେ ସେ ସେହି "ବଡ଼ ଲୋକ" ଅଟନ୍ତି ଯିଏକି ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ଲଢ଼ନ୍ତି । କାହିଁକି, ତାହା—ତାହା ତ ସମ୍ପୂର୍ଣ୍ଣ ଭାବେ ପାପକୁ ମହିମା ମଣ୍ଡନ କରିବା ଅଟେ । ମାତ୍ର ଆମ ଦେଶର ଛୋଟ ଛୋଟ ପିଲାମାନେ ଆପଣଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ବିଷୟରେ କହିପାରିବା ତୁଳନାରେ କହିଁ ଅଧିକ ଆପଣଙ୍କୁ ମ୍ୟାଟ୍ ଡିଲନ୍ ବିଷୟରେ

କହିପାରିବେ। ସେହି—ସେହି—ସେହି ଷ୍ଟୋରଗୁଡ଼ିକ, ସେହି ଦଶ-ପଇସା ଷ୍ଟୋରଗୁଡ଼ିକ, ଏବଂ ପୋଷାକ ବିଭାଗ, ଛୋଟ—ଛୋଟ ଖେଳନା ବନ୍ଧୁକଗୁଡ଼ିକରେ ପରିପୂର୍ଣ୍ଣ ହୋଇ ଝୁଲି ରହିଛି, ଓ ଛୋଟ ଛୋଟ ଟୋପିଗୁଡ଼ିକ ସହିତ ଯାହାକି—ଯାହାକି ଆପଣ କେଉଁଠାରେ ହେଲେ କିଣି ପାରିବେ। ତାହାକୁ ପିନ୍ଧିବାଟା ଠିକ୍ ଅଟେ, ମାତ୍ର ମୁଁ—ମୁଁ ଆପଣମାନଙ୍କୁ କେବଳ କହୁଅଛି, ଆପଣ ଦେଖନ୍ତୁ। ତା'ପରେ ସେମାନେ—ସେମାନେ, ସେହି ବାଣିଜ୍ୟିକ ଜଗତ, ସେହି ବିଷୟକୁ ଉଠାଇ ନିଏ ଓ ସେଥିରୁ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରେ।

48 ଆମମାନଙ୍କ ପାଖରେ ତାହା ରହିଛି ଯାହାକୁ ଆମେମାନେ କହିଥାଉ "ସେଣ୍ଟ ପାଟ୍ରିକ୍ ଦିବସ," ଆମ ପାଖରେ ତାହା ରହିଛି ଯାହାକୁ ଆମେମାନେ "ଧାର୍ମିକ ଛୁଟିଦିନ" ବୋଲି କହିଥାଉ। ଆଉ ବାଣିଜ୍ୟିକ ଜଗତ ଏହାକୁ ଉଠାଇ ନେଇଛି, ଏବଂ ସେମାନେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରନ୍ତି। "ମାତୃ ଦିବସ," ଫୁଲର ତୋଡ଼ା। କାହିଁକି, ପ୍ରତ୍ୟେକ ଦିନ ତ ମାଆ ପାଇଁ ଏକ ସମ୍ମାନଜନକ ଦିନ ହେବା ଉଚିତ୍ ଅଟେ। ସେ କୌଣସି ଗୋଟାଏ ସ୍ଥାନରେ ରହୁଅଛନ୍ତି, ବୃଦ୍ଧ ଅବସ୍ଥାରେ, ଯାଇ ତାଙ୍କୁ ଦେଖା କର। ତାହା ତ ତୁମେ ତାଙ୍କୁ ପଠାଇଥିବା ସମସ୍ତ ଫୁଲଠାରୁ, କିମ୍ବା ଅନ୍ୟ କୌଣସି ବିଷୟଠାରୁ ଅଧିକ ମୂଲ୍ୟବାନ ହେବ। ଦେଖନ୍ତୁ, ମାତ୍ର ସେମାନେ ଏହାକୁ ଉଠାଇ ନିଅନ୍ତି। ଏହା ତ ଏକ ରବ ଅଟେ, ଆଉ—ଆଉ ଆମେ ତାହା ସହିତ ଠିକ୍ ମିଶି ଯାଇଥାଉ। ଏହା ପ୍ରକୃତରେ ଠିକ୍ ନୁହେଁ। ମାତ୍ର ଆପଣ କ'ଣ କରିବାକୁ ଯାଉଅଛନ୍ତି? ଦେଖନ୍ତୁ, ଆମେ—ଆମେ ତ କେବଳ...

49 ମୁଁ ଆପଣଙ୍କୁ କିଛି ଗୋଟାଏ ବିଷୟ କହିବା ପାଇଁ ଏଠାରେ ଏକ ବିନ୍ଦୁଠାରେ ପହଞ୍ଚିବାକୁ ଚେଷ୍ଟା କରୁଅଛି, ଯାହା ମୁଁ—ମୁଁ ବିଶ୍ୱାସ କରେ। ସେହି ରବ, ପରମେଶ୍ୱରଙ୍କ ରବ ବିରଳ ଅଟେ।

50 ବର୍ତ୍ତମାନ, ଆମେମାନେ ପାଉ ଯେ ସେମାନେ ଗତିକୁ ନିର୍ଦ୍ଧାରଣ କରନ୍ତି। ପୁଣି କ'ଣ ଆପଣମାନେ କେବେ ଧ୍ୟାନ ଦେଲେ କି? ଆମର ଯୁବା ପିଲାମାନେ "ରିକୀ" ଏବଂ "ଏଲଭିସ୍" ହୋଇ ଯାଇଛନ୍ତି। ଆପଣଙ୍କର ଯଦି ଶିଶୁଟିଏ ସେହି ନାମରେ ଅଛି, ତାହାକୁ ଯଥାଶୀଘ୍ର ପରିବର୍ତ୍ତନ କରି ଦିଅନ୍ତୁ, ତାକୁ ସଂଖ୍ୟା "ଏକ" କିମ୍ବା "ଦୁଇ," ଅବା ସେପରି କିଛି ଡାକନ୍ତୁ। ସେପରି କରନ୍ତୁ ନାହିଁ, ତାହା ଏକ ଭୟଙ୍କର ଅଟେ...ଆପଣ କହନ୍ତି, "ନାମରେ କ'ଣ ଫରକ ପଡ଼େ?" କାହିଁକି, ନିଶ୍ଚିତରେ, ତାହାର କିଛି ଅର୍ଥ ଅଛି। ଆପଣଙ୍କର ନାମ ଆପଣଙ୍କର ଜୀବନକୁ ଚରିତ୍ରାର୍ଥ କରେ। "ବର୍ତ୍ତମାନ, ଭାଇ ବ୍ରାନ୍‌ହାମ୍, ଆପଣ ତ ସାଂଖ୍ୟଜ୍ଞାନରେ ଅଛନ୍ତି।" ନା, ମୁଁ ନୁହେଁ! ମୁଁ ତ **ସଦାପ୍ରଭୁ ଏହି କଥା କହନ୍ତି** ଉପରେ ଅଛି! କାହିଁକି ତେବେ ତାହା ଥିଲା ଯେତେବେଳେକି ଯାକୁବ, ସେ ତାଙ୍କ ନାମ ପ୍ରତି କୃତାର୍ଥ ଥିଲେ, ଯଥା—ଯଥା ପ୍ରତାରଣାକାରୀ, ଛଳନାକାରୀ, ଯାକୁବ। ଆଉ ଯେତେବେଳେ ପରମେଶ୍ୱର ତାଙ୍କୁ ପରିବର୍ତ୍ତନ କଲେ, ସେ ତାଙ୍କର ନାମକୁ ପରିବର୍ତ୍ତନ କଲେ। ପରମେଶ୍ୱର ଶାଉଲଙ୍କୁ ପରିବର୍ତ୍ତନ କରି ପାଉଲ କଲେ, ଶିମୋନଙ୍କୁ ପରିବର୍ତ୍ତନ କରି ପିତର କଲେ। ନିଶ୍ଚିତ ଭାବରେ, ଏହାର କିଛି

ଅଛି । ଆଉ ରିକୀ ଏବଂ ଏଲଭିସ୍, ଓ ସେହିପରି ନାମଗୁଡ଼ିକ ପ୍ରଭୃତି, ଏହା ହେଉଛି ଆଧୁନିକ ଆମେରିକୀୟ ନାମ ଯାହାକି ଗୋଟିଏ ଶିଶୁକୁ ସ୍ୱତଃ ହିଁ ଠିକ୍ ସେହି ଅବସ୍ଥା ଭିତରକୁ ପକାଇ ଦିଏ । କ'ଣ ମୋ'ର କହିବାର ଅର୍ଥ ବୁଝୁଛନ୍ତି?

51 ତେବେ, ମୁଁ ଆଶା କରୁଛି ଯେ ମୁଁ କରୁ ନାହିଁ...ଭଲ ହେବ ଯେ ମୁଁ ଫେରି ଆସେ ଓ ଏଠାରେ ଗୋଟିଏ ଡ଼ାଳ ଧରି ଯେପରି ଅଧିକ ଦୂରକୁ ଚାଲିଯାଏ ନାହିଁ, (କ'ଣ ମୋ'ର କହିବାର ଅର୍ଥ ବୁଝୁଛନ୍ତି?) ଯାହାକି ଆପଣମାନେ ନ ବୁଝିବେ । ମାତ୍ର ଏହି ସବୁ ବିଷୟ ତ ସାଧାରଣ ଲୋକ ସୁଦ୍ଧା ବୁଝନ୍ତି ନାହିଁ । ସେମାନେ ଏହାକୁ ବୁଝନ୍ତି ନାହିଁ, କାରଣ ସେମାନେ ଗୋଟିଏ ଧାରା ଧରିଅଛନ୍ତି । ସେମାନେ କେବଳ ତାହା ହିଁ ସବୁ ଶୁଣନ୍ତି, ସେହି ରବଗୁଡ଼ିକୁ ଶୁଣନ୍ତି ।

52 ସେଠାରେ ଦାର୍ଶନିକମାନଙ୍କର, ସାମ୍ୟବାଦର ଏକ ରବ ଅଛି, ଯାହାକି ଏପରି କିଛି ପ୍ରତିଜ୍ଞା କରିଥାଏ ଯାହା ସହିତରେ ସେମାନେ ଛିଡ଼ା ରହିପାରନ୍ତି ନାହିଁ । ଏବଂ ତଥାପି ଆମେରିକୀୟ ଲୋକମାନଙ୍କର ଏକ ବହୁତ ବଡ଼ ପ୍ରତିଶତ ସାମ୍ୟବାଦରେ ଆବଦ୍ଧ ଅଟେ । ତେବେ, ମୁଁ ସାମ୍ୟବାଦରେ ରହିଅଛି, ସାମ୍ୟବାଦର ଅଞ୍ଚଳମାନଙ୍କରେ ରହିଅଛି, ବରଂ, ଜର୍ମାନୀରେ, ବର୍ଲିନ ସହରର ପୂର୍ବ ପାର୍ଶ୍ୱରେ ରହିଅଛି । ସେମାନଙ୍କ ପାଖରେ ବାହାରୁ ଦେଖାଇବା ପାଇଁ ବଡ଼ ବଡ଼ ଘରଗୁଡ଼ିକ ରହିଥିଲା । ଆପଣଙ୍କୁ ସେଗୁଡ଼ିକର ଭିତରେ ପ୍ରବେଶ କରିବା ଉଚିତ୍, ସେଗୁଡ଼ିକ ତ ସମ୍ପୂର୍ଣ୍ଣ ସୁଦ୍ଧା ହୋଇ ନ ଥାଏ । ଏହା ତ ଏକ ଭଣ୍ଡ ଅର୍ଥବ୍ୟବସ୍ଥା ଅଟେ, ସେମାନେ କିଛି ବିଷୟକୁ ବାଧ୍ୟତାମୂଳକ ଲାଦି ଦେବାକୁ ଚେଷ୍ଟା କରୁଅଛନ୍ତି ।

53 ଏବଂ, ରୁଷରେ, ଯାହାକି ସାମ୍ୟବାଦର ଜନ୍ମସ୍ଥାନ...ଯାହାକି, ବହୁତ ବର୍ଷ ପୂର୍ବେ, ଯେତେବେଳେକି ମୁଁ କେବଳ ଏକ ବାଳକ ପ୍ରଚାରକ ଥିଲି, ମୁଁ କହିବି ତେ-ତିରିଶ ବର୍ଷ ପୂର୍ବେ, ଯେତେବେଳେ ନାଜିବାଦ, ଫାସିବାଦ, ଏବଂ ସାମ୍ୟବାଦ ବୃଦ୍ଧି ପାଉଥିଲା, ମୁଁ କହିଥିଲି, "ମୁଁ ପ୍ରଭୁଙ୍କ ନାମରେ କହୁଅଛି! ସେମାନେ ସମସ୍ତେ ସାମ୍ୟବାଦରେ ବିଲୀନ ହୋଇଯିବେ ।" ମାତ୍ର, କ'ଣ ଆପଣ କେବେ ଭାବିଛନ୍ତି କି ଯେ, ପରମେଶ୍ୱର ଆମମାନଙ୍କ ପାଇଁ ଏକ ରାସ୍ତା ଛାଡ଼ି ଦେଇଅଛନ୍ତି, ଯଦି ଆମେ କେବଳ ତାହାକୁ ଗ୍ରହଣ କରିବା । ରୁଷର କେବଳ ଏକ ପ୍ରତିଶତ ହିଁ ସାମ୍ୟବାଦୀ ଅଟନ୍ତି, ଏକ ପ୍ରତିଶତ, ମାତ୍ର ସେମାନେ ହିଁ ସେହି ନିୟନ୍ତ୍ରଣକାରୀ ଶତକଡ଼ା ଅଟନ୍ତି । ସାମ୍ୟବାଦର ଏକ ପ୍ରତିଶତ...ବରଂ, ରୁଷର ଏକ ପ୍ରତିଶତ ହେଉଛି ସାମ୍ୟବାଦ, ମାତ୍ର ସେମାନେ ନିୟନ୍ତ୍ରଣ କରନ୍ତି ।

54 ଆଉ ସେହି ସମାନ ବିଷୟ, ହଲିଉଡ ହେଉଛି ଗୋଟିଏ ସ୍ଥାନ, ମାତ୍ର ସେମାନେ ନିୟନ୍ତ୍ରଣରେ ରଖିଛନ୍ତି ।

55 ଯୁକ୍ତରାଷ୍ଟ୍ରର ଜନସଂଖ୍ୟାର ପ୍ରାୟଃ ଏକ ତୃତୀୟାଂଶ କିମ୍ବା ଦୁଇ ତୃତୀୟାଂଶ ଗୀର୍ଜାକୁ ଯାଆନ୍ତି, ଏବଂ ଗୀର୍ଜାର ସଦସ୍ୟମାନ ଅଟନ୍ତି, ମାତ୍ର ସେମାନେ ସେହି ନାମଧାରୀ ସଂସ୍ଥାମାନଙ୍କରେ ନିୟନ୍ତ୍ରଣ କରନ୍ତି ।

56 ସେଠାରେ ସେହି ସାମ୍ୟବାଦ ଯାହା ଆବଶ୍ୟକ କରେ ତାହା ହେଲା ପରମେଶ୍ୱରଙ୍କ ରବ ସେମାନଙ୍କ ମଧ୍ୟରେ ଉଠନ୍ତୁ, ଆଉ ତାହା ଏହାକୁ ଏକ ଲଜ୍ଜାଜନକ ବିଷୟ କରିଦେବ।

57 ଫିନ୍‌ଲ୍ୟାଣ୍ଡରେ, ସେହି ଦିନ ଯେତେବେଳେ ସେହି ଛୋଟ ବାଳକଟି ମୃତ୍ୟୁରୁ ପୁନରୁତ୍‌ଥିତ କରାଗଲା, ଏବଂ ସେମାନେ ମୋତେ ତିନି ବର୍ଗ ଦୂରକୁ ଆଣୁଥିଲେ, ଯେଉଁଠାରେକି ଏହି ମୃତ, ଛୋଟ ପିଲାଟି ପୁନରୁତ୍‌ଥିତ ହୋଇଥିଲା; ସାମ୍ୟବାଦୀ ସୈନିକମାନେ, ରୁଷିୟ ଲୋକମାନେ, ସେଠାରେ ରୁଷିୟ ଅଭିବାଦନ ସହିତ ଛିଡ଼ା ହୋଇଥିଲେ, ଓ ସେମାନଙ୍କ ଗାଲରୁ ଲୁହ ଝରି ଆସୁଥିଲା। ସେମାନେ କହିଲେ, "ଆମେମାନେ ଏପରି ଏକ ପରମେଶ୍ୱରଙ୍କୁ ଗ୍ରହଣ କରିବୁ ଯିଏକି ମୃତମାନଙ୍କୁ ପୁନରୁତ୍‌ଥିତ କରିପାରନ୍ତି।" ଏହା କ୍ୟାଥୋଲିକ୍ ମଣ୍ଡଳୀର ଓ ଲୁଥରାନ୍ ମଣ୍ଡଳୀର, ଏବଂ ସେହି ସମସ୍ତ ନାମଧାରୀ ସଂସ୍ଥାମାନଙ୍କର ଅବହେଳା ଅଟେ, ଆଉ ସେମାନେ ସମସ୍ତ ଟଙ୍କାକୁ ନେଉଅଛନ୍ତି, ଓ ସଂସ୍ଥାମାନ ଗଠନ କରୁଅଛନ୍ତି, ପୁଣି ଲୋକମାନଙ୍କୁ କିଛି ହେଲେ ଦେଉ ନାହାଁନ୍ତି। ସେମାନେ ଅନ୍ୟମାନଙ୍କ ପରି ଜୀବନ ଯାପନ କରିଥା'ନ୍ତି। ସେଠାରେ ରହିବା...

58 ରୁଷ ଯାହା ପ୍ରୟୋଜନ କରେ ତାହା ହେଉଛି ପ୍ରଭୁଙ୍କ ବାକ୍ୟ ସହିତ ଜଣେ ଭବିଷ୍ୟଦ୍‌ବକ୍ତାଙ୍କର ଦୃଶ୍ୟପଟ୍ଟରେ ଉଠିବା, ଯିଏକି ପାରନ୍ତି—ପାଟି ବନ୍ଦ କରିପାରନ୍ତି। ତେବେ ଯାଇ ସେହି ନବେ ପ୍ରତିଶତ ଅଧିକାର କରିବେ।

59 ଆମେରିକା ଯାହା ପ୍ରୟୋଜନ କରେ ତାହା ହେଉଛି ପରମେଶ୍ୱରଙ୍କ ଭବିଷ୍ୟଦ୍‌ବକ୍ତାଙ୍କର ଏକ ରବ, ଯିଏକି ଛିଡ଼ା ହୋଇପାରିବେ ଓ ହଲିଉଡକୁ ନିନ୍ଦା କରିପାରିବେ, ଏବଂ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଏହିସବୁ ବିଷୟକୁ ନିନ୍ଦା କରିପାରିବେ, ଆଉ ତେବେ ଯାଇ ପବିତ୍ରଆତ୍ମା ମଣ୍ଡଳୀ ଉପରେ ଅଧିକାର ଗ୍ରହଣ କରିବେ। ଏତେ ଅଧିକ ଦ୍ୱନ୍ଦ, ଦେଖନ୍ତୁ, ଏହା ବିରୁଦ୍ଧରେ ଅନେକେ ବିରୋଧାତ୍ମକ ରବଗୁଡ଼ିକ ଅଛି।

60 ମଣ୍ଡଳୀ, ତାହାର ନିଜର ରବ, ପ୍ରତ୍ୟେକେ ଅଧିକ ସଦସ୍ୟମାନ ଚାହୁଁଛନ୍ତି। ବାପ୍‌ଟିଷ୍ଟ ଏହାକୁ ସବୁ ଚାହୁଁଛନ୍ତି, ମେଥୋଡିଷ୍ଟ ଏହାକୁ ସବୁ ଚାହୁଁଛନ୍ତି, ପ୍ରେସବିଟେରିଆନ୍। ଆମ ସମସ୍ତଙ୍କ ପାଖରେ ଏହିସବୁ ରହିଛି। ପୁଣି ଏହିପରି ଦିଶେ ଯେ କ୍ୟାଥୋଲିକମାନେ ଏହିସବୁ କିଛି ନେବାକୁ ଯାଉଅଛନ୍ତି, ଏବଂ ସେମାନେ ତାହା ନେବେ। ଏହା ତ ଅବିକଳ ଏହି ବାଇବଲରୁ ବାହାରିଥିବା ପରମେଶ୍ୱରଙ୍କ ରବ ଅଟେ। ସେମାନେ ଶାସନ କରିବେ।

61 ମାତ୍ର ଅବଶେଷରେ ସର୍ବୋପରିସ୍ଥ ପରମେଶ୍ୱର ହିଁ ଶାସନ କରିବେ। ସାଧୁସନ୍ଥମାନେ ଦିନେ, ଅଧିକାର କରିବେ, ବାଇବଲ ତାହା ହିଁ ବ୍ୟକ୍ତ କରେ। ସେମାନେ ଅଧିକାର କରିବେ।

62 ଏତେ ଅଧିକ ଭୟଙ୍କର ରବଗୁଡ଼ିକ! ତା'ପରେ ପୁଣି ସେଠାରେ ଭଣ୍ଡ ଭବିଷ୍ୟଦ୍‌ବକ୍ତାଙ୍କର ରବ ଅଛି। ତାହା ଏକ ଭୟଙ୍କର ରବ ଅଟେ, ଏପରି ଜଣେ ବ୍ୟକ୍ତି ଯିଏକି ନିଜକୁ ଭବିଷ୍ୟଦ୍‌ବକ୍ତା ବୋଲି କହିଥାଏ। ଜଣେ ଭବିଷ୍ୟଦ୍‌ବକ୍ତା, ଅବଶ୍ୟ, ଏକ ପ୍ରଚାରକ ଅଟନ୍ତି। ସେହି ଆଧୁନିକ ଶବ୍ଦ "ଭବିଷ୍ୟଦ୍‌ବକ୍ତା" ର ସମ୍ପୂର୍ଣ୍ଣ ଅର୍ଥ ହେଲା "ଜଣେ ବ୍ୟକ୍ତି ଯିଏକି ପ୍ରେରଣାର ଅଧିନରେ

ପ୍ରଚାର କରନ୍ତି ।” ଏପରି ଜଣେ ବ୍ୟକ୍ତି ଯିଏକି ଛିଡ଼ା ହୁଅନ୍ତି ଓ ନିଜକୁ ଭବିଷ୍ୟଦ୍‌ବକ୍ତା ବୋଲି କହନ୍ତି, ପୁଣି ପରମେଶ୍ୱରଙ୍କ ରବକୁ, ପରମେଶ୍ୱରଙ୍କ ସତ୍ୟକୁ ଅସ୍ୱୀକାର କରନ୍ତି । ସେଠାରେ ଅନେକ ଗୁଡ଼ିଏ ରବମାନ ଅଛି!

63 ଅଳ୍ପ କିଛି ସମୟ ପୂର୍ବରୁ, ସେଠାରେ ଜଣେ ଭାଇ ଥିଲେ ଯିଏକି ମୋତେ ଏଠାକୁ କେଉଁଠାରୁ ଆସିବାକୁ ଅଛି ତାହାର ନିର୍ଦ୍ଦେଶ ଦେଉଥିଲେ, ମାତ୍ର ମୁଁ...ଅନୁମାନ କରେ ଯେ ସେ ବୋଧହୁଏ ଆଶ୍ଚର୍ଯ୍ୟ କଲେ ଯେ ମୁଁ କାହିଁକି ସେହି ରାସ୍ତାରେ ଉପରକୁ ଗଲି ଏବଂ ବୁଲି କରି ଫେରି ଆସିଲି । ଯଦି ଆପଣ ଏଠାରେ ଅଛନ୍ତି, ଭାଇ, ମୁଁ କିଛି ଗୋଟାଏ ବିଷୟକୁ ଶୁଣୁଥିଲି, ତାହା ଥିଲା ଆମର—ଆମର ଅଶ୍ୱେତ ବନ୍ଧୁମାନେ, ନିଗ୍ରୋମାନେ । ସେମାନଙ୍କର ଏଠାରେ ଏକ ମନ୍ଦିର ଅଛି, ଆଉ ସେମାନେ ଏହାକୁ ଡାକନ୍ତି, “ଏଲିୟ ମହମ୍ମଦ,” କିମ୍ବା ସେପରି କିଛି, “ଯୁବା ଏଲିୟ ମହମ୍ମଦ ।” ଏକ ରବ ସହିତ ଉପରକୁ ଉଠୁଛନ୍ତି, ଓ କହୁଛନ୍ତି ଯେ ସେମାନେ ସେହି ରବ ଅଟନ୍ତି ଯିଏକି ଏହି ବିଶୃଙ୍ଖଳାରୁ ସେହି—ସେହି ଅଶ୍ୱେତ ଜାତିକୁ ବାହାର ଆଣିବାକୁ ଯାଉଅଛନ୍ତି। ଯାହାକି, ଆପଣମାନେ ଦେଖନ୍ତୁ, ଠିକ୍ ସେହି ବିଷୟ, ସେମାନଙ୍କର—ସେମାନଙ୍କର—ସେମାନଙ୍କର ମସଜିଦ୍ ଏଠାରେ ଅଛି, ସେମାନଙ୍କର ମସଜିଦ । କାହିଁକି, କ'ଣ ଆପଣମାନେ ଦେଖୁନାହାଁନ୍ତି କି, ଯେ ତାହାର ସେହି ମୂଳ ପୃଷ୍ଠଭୂମି ହିଁ, ତାହା ଭୁଲ ଅଟେ!

64 ସେହି ଅଶ୍ୱେତ ଲୋକମାନେ, ଠିକ୍ ସେହି ଧଳା ବର୍ଣ୍ଣର ଲୋକ, ବାଦାମୀ ବର୍ଣ୍ଣର ଲୋକ, ଏବଂ ହଳଦିଆ ବର୍ଣ୍ଣର ଲୋକମାନଙ୍କ ପରି, ମ- ପାଖକୁ ଫେରିଯାଅ ନାହିଁ... ମହମ୍ମଦୀୟ ଧର୍ମକୁ ଫେରିଯାଅ ନାହିଁ, ମାତ୍ର ଖ୍ରୀଷ୍ଟଙ୍କ ନିକଟକୁ ଫେରି ଆସ, ସେହି ମୂଳ ଆଦର୍ଶଗୁଡ଼ିକ ପାଖକୁ ଫେରି ଆସ ଯାହା ବାଇବଲ ଶିକ୍ଷା ଦିଏ । ମହମ୍ମଦବାଦ ତ ବାକ୍ୟ ବିରୁଦ୍ଧରେ ଅଟେ । ତେବେ, ଥରେ, ଦକ୍ଷିଣ ଆଫ୍ରିକାର ଡର୍ବାନ୍ ସହରରେ ମୋତେ ଦଶ ହଜାର ମୁସଲମାନ୍‌ମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ କଢ଼ାଇ ନେବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ଏହା ମନୋବିଜ୍ଞାନ ବ୍ୟତୀତ ଆଉ କିଛି ଉତ୍ପନ୍ନ କରେ ନାହିଁ। ଏବଂ ମନୋବିଜ୍ଞାନ ସେପର୍ଯ୍ୟନ୍ତ ସବୁ ଠିକ୍ ଅଟେ ଯେପର୍ଯ୍ୟନ୍ତକି ମନୋବିଜ୍ଞାନ ବାକ୍ୟକୁ ଅସ୍ୱୀକାର କରେ ନାହିଁ। ମାତ୍ର ଯେତେବେଳେ ମନୋବିଜ୍ଞାନ ବାକ୍ୟକୁ ଅସ୍ୱୀକାର କରେ, ସେତେବେଳେ ମନୋବିଜ୍ଞାନ ଭୁଲ୍ ଅଟେ । ଏହା ଏକ ଅସ୍ପଷ୍ଟ ଧ୍ୱନି ଦେଇଥାଏ । ସେଠାରେ ଅଛି, ଅନ୍ୟ ସବୁକିଛି ଲୋପ ପାଇଯିବ ମାତ୍ର ପରମେଶ୍ୱରଙ୍କ ବାକ୍ୟ ନୁହେଁ, ଯୀଶୁ ଏହା କହିଛନ୍ତି, “ସ୍ୱର୍ଗ ଓ ପୃଥିବୀ ଲୋପ ପାଇଯିବ, ମାତ୍ର ମୋହର ବାକ୍ୟ କେବେ ବି ଲୋପ ପାଇବ ନାହିଁ ।” ଏଣୁ, ଆପଣମାନେ ଦେଖନ୍ତୁ ଯେ ଆମକୁ ବାକ୍ୟ ସହିତ, ସେହି ରବ ସହିତ ରହିବା ଉଚିତ୍ ।

65 ଅନେକେ ବିଭ୍ରାନ୍ତିକର ବିଷୟମାନ ରହିଛି! ଲୋକମାନେ ଉଠନ୍ତି, ସେମାନେ ବାକ୍ୟ ଜାଣି ନ ଥାଆନ୍ତି, ଆଉ ସେମାନେ କିଛି କୁହନ୍ତି, ଏବଂ ହୋଇପାରେ ଯେ ତାହା ଅତ୍ୟନ୍ତ ଯୁକ୍ତିଯୁକ୍ତ ଲାଗୁ ଥାଇପାରେ । ସାମ୍ୟବାଦ ଏକ ଅତ୍ୟନ୍ତ ଯୁକ୍ତିଯୁକ୍ତ ବିଷୟ ଅଟେ, “ସମସ୍ତେ ସମାନ । ଆଉ ଅଧିକ କେହି ପୁଞ୍ଜିପତି ନାହାଁନ୍ତି, ସେମାନେ ସମସ୍ତେ ସାମ୍ୟବାଦୀ ଅଟନ୍ତି ।”

କ'ଣ ଆପଣ କେବେ ଏହା ଚିନ୍ତା କରିବା ନିମନ୍ତେ ଅଟକିଲେ କି, ଯେ ସାମ୍ୟବାଦ ଏକ ଭଣ୍ଡ ଉଦ୍ଦୀପନା ଅଟେ? ଏବଂ ଅବଶେଷରେ ସେ ଏହାକୁ କେଉଁ ନମୁନା ଉପରେ ନକଲ କରିଥିଲେ? ସେହି...ଯୀଶୁ କହିଲେ, "ସେହି ଦୁଇଟି ଆତ୍ମା ଏତେ ନିକଟତର ହେବେ, ଯଦି ସମ୍ଭବ ହୁଏ ତେବେ ଏହା ମନୋନୀତ ଲୋକଙ୍କୁ ଭ୍ରାନ୍ତ କରିଦେବ।" ପୁଣି ସମସ୍ତ କିଛି ଯାହା ଶୟତାନ ପାଖରେ ଅଛି, ଏହା ତ ପରମେଶ୍ୱର ଯାହା ସୃଷ୍ଟି କରିଛନ୍ତି ତାହାର ଏକ ବିକୃତି ଅଟେ। ପାପ ହେଉଛି—ହେଉଛି ଧାର୍ମିକତାର ବିକୃତ ରୂପ। ଗୋଟିଏ ମିଥ୍ୟା ହେଉଛି ସତ୍ୟ ଭୁଲ୍ ଭାବରେ ଉପସ୍ଥାପନା କରିବା। ବ୍ୟଭିଚାର ହେଉଛି—ହେଉଛି, ଏପରି ଏକ କାର୍ଯ୍ୟର ଯାହା ପରମେଶ୍ୱର ଆମମାନଙ୍କୁ ନିରୁପଣ କରିଅଛନ୍ତି, ତାହାର ବିକୃତ ରୂପ। ସମସ୍ତ ଅବିଶ୍ୱାସ ହେଉଛି ବିଶ୍ୱାସର ବିକୃତ ରୂପ। ଆପଣଙ୍କୁ ସେହି—ସେହି ବିକୃତିକୁ ଗ୍ରହଣ କରିବାକୁ ହେଲେ ସତ୍ୟକୁ ଅସ୍ୱୀକାର କରିବାକୁ ପଡ଼ିବ। ଦେଖନ୍ତୁ, ଏହି ରବଗୁଡ଼ିକୁ ସଳଖ କରନ୍ତୁ, ବାକ୍ୟ ଦ୍ୱାରା ସେଗୁଡ଼ିକୁ ପରୀକ୍ଷା କରନ୍ତୁ ଓ ଦେଖନ୍ତୁ ଯେ ତାହା ସତ୍ୟ କି ନୁହେଁ।

66 ଓଃ, ଆଜିର ଏହି ରବଗୁଡ଼ିକ ବିଷୟରେ, ଆମେ କିପରି ଭାବରେ ଆହୁରି ଓ ପୁଣି ଆହୁରି କହିପାରିବା, ମାତ୍ର ଆମର ସମୟ ଶେଷ ହୋଇଯାଇଛି। ମାତ୍ର, ଏତେ ଗୁଡ଼ିଏ ରବମାନ ଅଛି ଯେ ଲୋକମାନେ ଜାଣନ୍ତି ନାହିଁ ଯେ କଣ କରିବେ। ମେଥୋଡିଷ୍ଟ ଅବଶେଷରେ ଜଣେ ବାପ୍‌ଟିଷ୍ଟ ପ୍ରଚାରକଙ୍କୁ ଶୁଣିବେ, ସେମାନେ ସେଠାକୁ ଯିବେ, ସେମାନେ ସେଠାରେ କିଛି ସମୟ ରହିବେ ଆଉ ତା'ପରେ ସେମାନେ ଲୁଥରାନ୍ ନିକଟକୁ ଯିବେ। ଆଉ ପେଣ୍ଟିକଷ୍ଟାଲମାନଙ୍କରେ, ସେମାନଙ୍କର ତ ଭିନ୍ନ ଭିନ୍ନ ଗୋଷ୍ଠୀଗୁଡ଼ିକ ଥାଏ, ଜଣେ ଗୋଟିଏ ପାଖକୁ, ଏବଂ ଅନ୍ୟ ଜଣେ ଆଉ ଗୋଟିଏ ପାଖକୁ, ତା'ପରେ ପଛକୁ ଓ ଆଗକୁ ଦୌଡ଼ିଯିବେ। ଏହା ଦର୍ଶାଏ ଯେ ଆପଣ ସ୍ଥିର ନୁହଁନ୍ତି। ତାହାଙ୍କର ରବ ଶୁଣ! କାଗଜରେ ଏଠାରେ, ତାହା ଲେଖା ହୋଇଅଛି, ସେହି ରବ, ସେହି ରବ ତେବେ ସ୍ଥିରୀକୃତ ହେବ ଯଦି ତାହା ସତ୍ୟ ଅଟେ।

67 ମାଣ୍ଡଳିକ ଜଗତ ଏହା ଜାଣେ ନାହିଁ ଯେ କ'ଣ କରିବେ, ରାଜନୈତିକ ଜଗତ ବିଶୃଙ୍ଖଳା ଭିତରେ ଅଛି। ସବୁକିଛି ବିଶୃଙ୍ଖଳା ଭିତରେ ଥିବା ପରି ମନେହୁଏ। ବ୍ୟକ୍ତିମାନେ ଏଠାରୁ ଦୌଡ଼ି ଯାଆନ୍ତି, ଅନ୍ୟ କିଛି ବିଷୟ ଉଠି ଆସେ, କୌଣସି ଜ୍ୟାକେଟ୍, କୌଣସି କୋଟ୍। ଯେତେବେଳେ ମୁଁ ରୋମ୍‌ରେ ଥିଲି, ସେମାନଙ୍କ ପାଖରେ ଉଣେଇଶଟି ଭିନ୍ନ ଭିନ୍ନ ସୁପ୍ରମାଣିତ କଣ୍ଟାଗୁଡ଼ିକ ରହିଥିଲା ଯାହାକି ଯୀଶୁଙ୍କ ହାତରେ ବିନ୍ଧା ଯାଇଥିଲା; ଆଉ ସେଠାରେ କେବଳ ତିନୋଟି ଅଛି, ମାତ୍ର ତଥାପି ସେମାନଙ୍କ ପାଖରେ ଏହା ନଥିପତ୍ରରେ ଅଛି ଯେ ଉଣେଇଶଟି ଭିନ୍ନ ଭିନ୍ନ କଣ୍ଟାମାନ ଥିଲା। ତେବେ, ଏଥିରେ କ'ଣ ଫରକ୍ ପଡ଼େ ଯେ କାହା ପାଖରେ ସେହି କଣ୍ଟା ଅଛି? ଖ୍ରୀଷ୍ଟ ଆମମାନଙ୍କ ପାଇଁ ଉପାସନା କରିବା ହେତୁ କେବେ ବି କଣ୍ଟା ଛାଡ଼ି ଯାଇ ନାହାଁନ୍ତି, ସେ ତ ତାହାଙ୍କର ବାକ୍ୟ ଦ୍ୱାରା, ଆମମାନଙ୍କ ପାଇଁ ପବିତ୍ରଆତ୍ମା ଛାଡ଼ି ଯାଇଅଛନ୍ତି! "ଏହି ଚିହ୍ନଗୁଡ଼ିକ ସେମାନଙ୍କର ଅନୁବର୍ତ୍ତୀ ହେବ ଯେଉଁମାନେକି ବିଶ୍ୱାସ କରିବେ, ସେମାନଙ୍କ ପାଖରେ ସେହି ମୂଳ କଣ୍ଟା ରହିବ"? "ସେମାନଙ୍କ ପାଖରେ ରହିବ...ଏହି ଚିହ୍ନଗୁଡ଼ିକ ସେମାନଙ୍କର ଅନୁବର୍ତ୍ତୀ ହେବ ଯେଉଁମାନେକି ବିଶ୍ୱାସ କରିବେ, ସେମାନେ ମୁଁ ଆରମ୍ଭ

କରିଥିବା ସେହି ନାମଧାରୀ ସଂସ୍ଥାର ଅନ୍ତର୍ଭୁକ୍ତ ହେବେ”? ସେ କୌଣସିଟା ଆରମ୍ଭ କରି ନାହାଁନ୍ତି । ଦେଖନ୍ତୁ ଯେ ରବ କିପରି ବିରୋଧାଭାସୀ ଅଟେ?

68 ମାତ୍ର, “ଏହି ଚିହ୍ନଗୁଡ଼ିକ ସେମାନଙ୍କର ଅନୁବର୍ତ୍ତୀ ହେବ ଯେଉଁମାନେ କି ବିଶ୍ୱାସ କରିବେ: ମୋ’ ନାମରେ ସେମାନେ ଭୂତମାନଙ୍କୁ ଛଡ଼ାଇବେ ।” ଏଠାରେ ସେହି ବାକ୍ୟ ଅଟେ । “ସେମାନେ ନୂତନ ନୂତନ ଭାଷାରେ କଥା କହିବେ; ସର୍ପଗୁଡ଼ିକୁ ଧରିବେ, ଯାହା ସେମାନଙ୍କର କୌଣସି କ୍ଷତି କରିବ ନାହିଁ । ଯଦି ସେମାନେ କୌଣସି ପ୍ରାଣନାଶକ ବିଷୟ ପାନ କରିବେ, ଏହା ସେମାନଙ୍କୁ ବ୍ୟଥିତ କରିବ ନାହିଁ । ଯଦି ସେମାନେ ରୋଗୀମାନଙ୍କ ଉପରେ ନିଜର ହାତ ରଖିବେ, ସେମାନେ ସୁସ୍ଥ ହେବେ ।” ଆଉ ଆପଣ ଏହି ବିଷୟଗୁଡ଼ିକୁ ପୁଣି ତା’ ସହିତ ଶାସ୍ତ୍ରର ବାକି ସମସ୍ତ ବିଷୟକୁ ଏକାଠି ମିଶାଇ ଦେଖନ୍ତୁ ।

69 ବର୍ତ୍ତମାନ, କେବଳ ତାହା ଏକକୀ ଏହାକୁ ସ୍ଥିରୀକୃତ କରିବ ନାହିଁ, ଆଦୌ ନୁହେଁ । ଠିକ୍ ଏହିଠାରେ ହିଁ ଆମେ ପେଣ୍ଟିକଷ୍ଟାଲମାନେ ଭୁଲ୍ ରାସ୍ତାରେ ଚାଲିଯାଉ । କ’ଣ ଯୀଶୁ ଏହା କହି ନାହାଁନ୍ତି କି, “ସେଦିନ ଅନେକେ ମୋ’ ପାଖକୁ ଆସିବେ ଓ କହିବେ, ‘ହେ ପ୍ରଭୁ, କ’ଣ ମୁଁ ତୁମ ନାମରେ ଶକ୍ତିଯୁକ୍ତ କାର୍ଯ୍ୟ କରି ନାହିଁ କି? କ’ଣ ମୁଁ ତୁମ ନାମରେ ଭବିଷ୍ୟତ୍‌ବାଣୀ କରି ନାହିଁ କି? କ’ଣ ମୁଁ ଏହିସବୁ ତୁମ ନାମରେ କରି ନାହିଁ କି?’” ଆଉ ଯୀଶୁ କହିଲେ, “ହେ ଅଧର୍ମାଚାରୀମାନେ, ମୋ’ଠାରୁ ଦୂର ହୁଅ, ମୁଁ ତୁମକୁ କେବେ ହେଁ ଜାଣି ନାହିଁ ।” କ’ଣ ଆପଣମାନେ ଦେଖୁଛନ୍ତି, ମୋ’ ଭଉଣୀମାନେ ଏବଂ ମୋ’ର ଭାଇମାନେ, ମୁଁ କାହିଁକି ଏହି ପୀଢ଼ୀକୁ ଏତେ ନିନ୍ଦା କରୁଅଛି ଓ ଦୋଷ ଦେଉଅଛି? ଆପଣମାନେ ପୁରୁଷମାନଙ୍କ ଏବଂ ଦୂତମାନଙ୍କ ଭଳି ଭିନ୍ନ ଭାଷାରେ କଥା କହିପାରନ୍ତି, ଆପଣ ସମଗ୍ର ମଣ୍ଡଳୀର ଚାରିଆଡ଼େ ଆତ୍ମାରେ ନାଚି ପାରନ୍ତି, ଏହାର ତାହା ସହିତ କୌଣସି ହେଲେ ସମ୍ବନ୍ଧ ନାହିଁ ।

70 ମୁଁ ତ ମୁସଲମାନ୍ ଲୋକମାନଙ୍କୁ ସେହିପରି ଭାବରେ ଚାରିଆଡ଼େ ନୃତ୍ୟ କରୁଥିବାର ଦେଖିଅଛି । ମୁଁ ତ ସେହି ଗୁଣିଆ…ଗୁଣି ଗାରୁଡ଼ି କରୁଥିବା ଯାଦୁକରଙ୍କ ଶିବିରରେ ଶୁଣିଅଛି, ସେହି ଯାଦୁକରମାନଙ୍କୁ ଛିଡ଼ା ହୋଇ ଭିନ୍ନ ଭାଷାରେ କଥା କହୁଥିବାର ପୁଣି ତାହାର ଭାଷାନୁବାଦ କରୁଥିବାର ଦେଖିଅଛି, ଏବଂ ଏହା ଅବିକଳ ଭାବେ କହୁଥିବାର ଦେଖିଅଛି ଯେ କ’ଣ ଘଟିବାକୁ ଯାଉଅଛି, ଆଉ ତାହା ଠିକ୍ ସେହିପରି ହିଁ ଘଟିଥାଏ । ମୁଁ ତ ଏପରିକି ଏକ ପେଂସିଲକୁ ସୁଦ୍ଧା ଉପରକୁ ଉଠି ଅଜଣା ଭାଷାରେ ଲେଖୁଥିବାର ଦେଖିଅଛି, ଏବଂ ସେଠାରେ କେବଳ ଜଣେ ହିଁ ମାତ୍ର ଥାଏ ଯିଏକି ଏହାକୁ ପଢ଼ି ପାରେ, ଆଉ ତାହା ହେଲା ଶୟତାନ । ଆପଣ ନିଜର ଅନନ୍ତକାଳୀନ ଗନ୍ତବ୍ୟସ୍ଥଳକୁ କୌଣସି ସମ୍ବେଦନା ଉପରେ ଆଧାରିତ କରିପାରନ୍ତି ନାହିଁ । ଶୟତାନ ସେହି ଯେକୌଣସି ସମ୍ବେଦନାକୁ ନକଲ୍ କରିପାରେ । ଏହା ତାହା ନୁହେଁ…ଏହା ତ ଖ୍ରୀଷ୍ଟଙ୍କୁ ଜାଣିବା ଅଟେ, ଏପରି କିଛି ଯାହାକି ଆପଣଙ୍କର ଜୀବନକୁ ପରିବର୍ତ୍ତନ କରିଥାଏ । ନିଜର ଜୀବନକୁ ଲକ୍ଷ୍ୟ କରନ୍ତୁ ଓ ତାହାକୁ ବାକ୍ୟ ସହିତରେ ମିଶାନ୍ତୁ, ଏବଂ ଦେଖନ୍ତୁ ଯେ ଆପଣ କେଉଁଠାରେ ଅଛନ୍ତି । ନିଶ୍ଚିତ ଭାବରେ, ତାହାର ହିସାବ ରଖିବା ।

71 ଏହି ସମସ୍ତ ଛଳନାଗୁଡ଼ିକ, ଭଣ୍ଡ ରବମାନ, ଭଣ୍ଡ ଭବିଷ୍ୟଦ୍‌ବକ୍ତାମାନ, ଏହି ସମସ୍ତ ବିଷୟଗୁଡ଼ିକ ଯାହାକି ଉଠଅଛି, ତାହାର ସତ୍ତ୍ୱେ ଏହିସବୁର ସତ୍ତ୍ୱେ, ଯୀଶୁ ତଥାପି କହିଲେ, "ଯଦି କୌଣସି ବ୍ୟକ୍ତି ମୋ'ର ରବ ଶୁଣିବ ଓ ମୋ'ର ଅନୁଗମନ କରିବ।" ସେ ହେଉଛନ୍ତି ବାକ୍ୟ। ଶୁଣନ୍ତୁ, ଏହି ସମସ୍ତ ରବଗୁଡ଼ିକ ମଧ୍ୟରେ, ଆଜି ଆମମାନଙ୍କ ନିମନ୍ତେ ତାହାଙ୍କର କାର୍ଯ୍ୟଭାର। ଯାହାକି, ମୁଁ କହିଲି ଯେ ଏହି ସମସ୍ତ ରବଗୁଡ଼ିକୁ ବାହାର କରିବାକୁ ହେଲେ ଘଣ୍ଟା ଘଣ୍ଟା ସମୟ ଲାଗିଯିବ। ଆଉ ଏହା ଲୋକମାନଙ୍କ ପାଇଁ ଦ୍ୱନ୍ଦପୂର୍ଣ୍ଣ ଅଟେ, ଏହା ଏକ ଦୟନୀୟ ବିଷୟ ଅଟେ। ପୁଣି, ସର୍ବଶେଷରେ, ଆପଣ ଦ୍ୱିତୀୟ ସୁଯୋଗ ପାଆନ୍ତି ନାହିଁ, ଆପଣଙ୍କୁ ତ ଏହାକୁ ବର୍ତ୍ତମାନ ହିଁ ନେବାକୁ ପଡ଼ିବ। ଆପଣ ଆଜି ରାତ୍ରିରେ ଏକ ସୁଯୋଗ ନ ପାଇପାରନ୍ତି। ଆପଣ ଆସନ୍ତାକାଲି ଏକ ସୁଯୋଗ ନ ପାଇପାରନ୍ତି। ଏହା ତ ବର୍ତ୍ତମାନ ହିଁ ଅଟେ! "ଯେତେବେଳେ ତୁମେ ମୋ'ର ରବ ଶୁଣ, ନିଜର ହୃଦୟକୁ କଠିନ କର ନାହିଁ ଯେପରିକି ପରୀକ୍ଷାର ଦିନଗୁଡ଼ିକରେ କରିଥିଲ। ବର୍ତ୍ତମାନ ହିଁ ସମୟ ଅଟେ। ଏହା ହିଁ ସେହି ଗ୍ରହଣଯୋଗ୍ୟ ସମୟ ଅଟେ ଯେ ଯଦି କୌଣସି ବ୍ୟକ୍ତି ମୋ'ର ରବ ଶୁଣିବ।" ତାହା ଏହା ଦର୍ଶାଇବାକୁ ଯାଏ ଯେ ତାହାଙ୍କର ରବ ସମସ୍ତ ବିଶୃଙ୍ଖଳା ମଧ୍ୟରେ ସୁଦ୍ଧା ସେଠାରେ ରହିଥିବ। ତାହାଙ୍କଠାରେ ଏବେ ସୁଦ୍ଧା ଏକ ରବ ରହିଛି! କାହିଁକି? ତାହାଙ୍କର ରବ ତ ସର୍ବଦା ରହିବ। ତାହା ଏଠାରେ ଅଟେ, "ସ୍ୱର୍ଗ ଓ ପୃଥିବୀ ଲୋପ ପାଇଯିବ, ମାତ୍ର ମୋହର ରବ ଲୋପ ପାଇବ ନାହିଁ," ତାହାଙ୍କର ବାକ୍ୟ।

72 ତେବେ ଆସନ୍ତୁ ଆମେମାନେ କେବଳ ନେବା, ଧରନ୍ତୁ, ଆଉ ପାଞ୍ଚ ମିନିଟ୍, ଶୀଘ୍ର। କ'ଣ ଆପଣ କରିପାରିବେ, କ'ଣ ଆପଣମାନେ ସେତିକି ଲମ୍ବା, କିଅବା ଅଳ୍ପ କେତେକ ମିନିଟ୍ ରହିବେ? ତେବେ, ମୁଁ ଶୀଘ୍ର କରିବି। ଆସନ୍ତୁ ତେବେ ଆମେମାନେ କେବଳ କେତେ ଜଣଙ୍କୁ ନେବା, ଯେଉଁମାନେକି ଏହି ରବକୁ ଶୁଣିଥିଲେ ଓ ତାହାକୁ ମାନିଥିଲେ। ଏହା ସେମାନଙ୍କୁ କିପରି ଭାବରେ ବ୍ୟବହାର କରାଇଥିଲା, କ'ଣ ସେମାନଙ୍କୁ ଏହା କରିବାକୁ ପ୍ରବର୍ତ୍ତାଇଥିଲା। ତେବେ, ମୁଁ ଏଠାରେ ବହୁତ ଗୁଡ଼ିଏ—ଗୁଡ଼ିଏ ଶାସ୍ତ୍ରାଂଶ ଛାଡ଼ି ଦେବାକୁ ଯାଉଅଛି, ଯେପରିକି ଆପଣଙ୍କ ପାଖକୁ ଠିକ୍ ସୀଧାସଳଖ ପହଞ୍ଚି ହେବ: ଏହା କିପରି ସେମାନଙ୍କର ଜୀବନକୁ ବଦଳାଇ ଦେଇଥିଲା ଏବଂ ସେମାନଙ୍କ ବିଷୟରେ ଯାହାକିଛି ଥିଲା ସେସବୁକୁ ବଦଳାଇ ଦେଇଥିଲା; କିପରି ସେମାନେ ସେହି ବିଚିତ୍ର ପ୍ରାଣୀ ହେଲେ, ଯାହାକୁ ଆମେ ଏକ "ବିଚିତ୍ର ପ୍ରାଣୀ" ବୋଲି ଡାକିଥାଉ। ପ୍ରତ୍ୟେକ ବ୍ୟକ୍ତି ଯିଏକି କେବେ ପରମେଶ୍ୱରଙ୍କୁ ବିଶ୍ୱାସ କରିଥିଲେ, ତାଙ୍କୁ ଏକ ବିଚିତ୍ର ପ୍ରାଣୀ ବୋଲି ବିବେଚନା କରାଯାଉଥିଲା। କାରଣ, ଯଦି ଆପଣ ଜଗତର ଢାଞ୍ଚା ଅନୁସାରେ ଅଛନ୍ତି, ତେବେ ଆପଣଙ୍କ ସହିତରେ କିଛି ଗୋଟାଏ ଭୁଲ୍ ଅଛି। ଗୋଟିଏ ଖ୍ରୀଷ୍ଟିଆନ ହେବା ପାଇଁ ଆପଣଙ୍କୁ ତ ଏକ ବିଚିତ୍ର ପ୍ରାଣୀ ହେବାକୁ ପଡ଼ିଥାଏ। "କାରଣ ଯେଉଁମାନେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଧାର୍ମିକ ଆଚରଣ କରି ବସବାସ କରନ୍ତି ସେମାନେ ଜଗତର ନିର୍ଯ୍ୟାତନାଗୁଡ଼ିକୁ ସହ୍ୟ କରିବେ। ସେ ଜଗତରେ ଥିଲେ, ଏବଂ ଜଗତ ତାହାଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା, ଏବଂ ଜଗତ ତାହାଙ୍କୁ ଜାଣିଲା ନାହିଁ।" ତେବେ ଶୀଘ୍ର

କରିବା, ଯେତେବେଳେ ଆମେମାନେ ସମାପ୍ତ କରୁଅଛୁ ଧ୍ୟାନ ଦେଇ ଶୁଣନ୍ତୁ ।

73 ଆଦମ ସନ୍ଧ୍ୟାର ଶୀତଳତାରେ, ତାହାଙ୍କର ରବ ଶୁଣିଲେ, ଏବଂ ତାହାଙ୍କ ସହିତ ସହଭାଗିତା କଲେ । ଆଦମଙ୍କ ପ୍ରତି କୌଣସି ନିନ୍ଦା ନ ଥିଲା । ସେ ପରମେଶ୍ୱରଙ୍କ ରବ ଶୁଣିଲେ, ଓ ସେ କହିଲେ, "ପିତା, ବର୍ତ୍ତମାନ ମୁଁ ନିଦ୍ରା ଯିବା ନିମନ୍ତେ ଶୋଉଅଛି ।" ଆଉ ସେ ଶଯନ କଲେ, ଏବଂ ତାଙ୍କ ବାହୁ ଉପରେ ହବା, ସିଂହ, ବାଘ ଓ ଜଙ୍ଗଲୀ ପଶୁମାନେ ଠିକ୍ ତାଙ୍କର ଚାରିପାଖରେ ଶୋଇ ରହିଲେ, କୌଣସି କ୍ଷତି ହେଲା ନାହିଁ, ଅସୁସ୍ଥ ହେବାର କୌଣସି ପ୍ରଶ୍ନ ନାହିଁ, ଆଶ୍ଚର୍ଯ୍ୟ ହେବାର କୌଣସି ବିଷୟ ନାହିଁ ଯେ ସେ ସକାଳେ ଉଠିବେ କି ନାହିଁ, ସେମାନେ ତ ଉଠିବାକୁ ହିଁ ଯାଉଅଛନ୍ତି । ଆଦମ ତାହାଙ୍କ ରବ ଠିକ୍ ସେପ୍ରକାରେ ଶୁଣିଥିଲେ ଯେପରିକି ତାଙ୍କୁ ତାହା ଶୁଣିବାର ଉଚିତ୍ ଥିଲା ।

74 ମାତ୍ର ଦିନେ ସେ ତାଙ୍କର ପତ୍ନୀର ରବ ଶୁଣିଲେ । ଉତ୍ତମ ହେବ ଯେ ମୁଁ ତାହାକୁ କିଛି ସମୟ ପାଇଁ ଏକାକୀ ଛାଡ଼ିଦିଏ । ମାତ୍ର ସେ ଭୁଲ୍ ରବକୁ ଶୁଣିଥିଲେ, ତଥାପି ଏହା ତାଙ୍କର ପତ୍ନୀ ଥିଲେ, ପୃଥିବୀରେ ରହିଥିବା ତାଙ୍କର ସବୁଠାରୁ ନିକଟତମ ବନ୍ଧନ । କାହିଁକି ସେ, ଆୟୁବ ପରି କହିଲେ ନାହିଁ, "ତୁମ୍ଭେ ମୂଢ଼ା ସ୍ତ୍ରୀ ପରି କଥା କହୁଅଛ"? ଯଦି ତାହା ହୋଇଥା'ନ୍ତା, ତେବେ ସମଗ୍ର ମାନବ ଜାତି ମରିବା ପରିବର୍ତ୍ତେ ବଞ୍ଚି ରହିଥା'ନ୍ତେ । ଏହା ତ ମନୁଷ୍ୟର ଗତିକୁ ଏବଂ ସମୟର ଗତିକୁ ବଦଳାଇ ଦେଲା । ମାତ୍ର ସେ ପରମେଶ୍ୱରଙ୍କ ଏକ ରବ ଶୁଣିଥିଲେ, ତାହାଙ୍କ ସହିତ ସେ ସହଭାଗୀତା କରିଥିଲେ, ମାତ୍ର ଯେତେବେଳେ ସେ ବୁଲି ପଡ଼ିଲେ...ସେ କିପରି ଜାଣିଲେ ଯେ ତାଙ୍କର ପତ୍ନୀ ଭୁଲ୍ ଅଛନ୍ତି? ମନେରଖନ୍ତୁ ଯେ, ତାହା ତ ମନୋହର ଥିଲା ।

75 ଆମେ ଆଜି ଭାବୁ ଯେ ଆମର ସଂଗଠନ, ମଣ୍ଡଳୀ, ଆମେ ଭାବୁ ଯେ ଆଜି ଆମର ସମୃଦ୍ଧି ଏହା ଯେ ପରମେଶ୍ୱର ଆମ ଉପରେ ମୁରୁକି ହସୁଛନ୍ତି । ଏହା ଭଲ ଦେଖାଯାଏ । ଏହା ସେତେବେଳେ ଭଲ ଦେଖା ଯାଇଥିଲା ଯେତେବେଳେ ମୀଖାୟ ସେଠାରେ ଚାରି ଶହ ଭବିଷ୍ୟଦ୍‌ବକ୍ତାଙ୍କ ସମ୍ମୁଖରେ ଛିଡ଼ା ହୋଇଥିଲେ, ଆଉ ସମଗ୍ର ଦେଶ ସେମାନଙ୍କର ରହିଥିଲା, ପୁଣି ପଲେଷ୍ଟୀୟମାନେ ତାହା ଉପରେ ଅଧିକାର କରିଥିଲେ, କିଅବା, ଅରାମୀୟମାନେ, ଏହା ଭଲ ଦେଖା ଯାଇଥିଲା । ଏହି ଭବିଷ୍ୟଦ୍‌ବକ୍ତାମାନେ କହୁଥିଲେ, "ସେଠାକୁ ଯାଅ, ତାହା ଆମର ଅଟେ । ତାହାକୁ ଅଧିକାର କରିନିଅ!" ମାତ୍ର ତାହା ପରମେଶ୍ୱରଙ୍କ ରବ ନ ଥିଲା । ଆଉ ମୀଖାୟ ବୁଲି ପଡ଼ିଲେ ଓ ସେହି ରବକୁ ଅଭିଶାପ ଦେଲେ । ପୁଣି ସେ ତାହା ସେହିପରି କରିବାକୁ କିପରି ଜାଣିଲେ? କାରଣ ତାହାଙ୍କର ଦର୍ଶନ ଠିକ୍ ବାକ୍ୟ ଅନୁସାରେ ଥିଲା । ଆଜି ଏହାକୁ ଭରସା କରିବା ପାଇଁ ଏବଂ ଏହାକୁ ଦେଖିବା ପାଇଁ ତାହାହିଁ ହେଉଛି ଏକମାତ୍ର ଉପାୟ, ଏହାକୁ ତ ବାକ୍ୟ ଉପରେ ହିଁ ରହିବାକୁ ଅଛି ।

76 ତା'ପରେ କ'ଣ ଆପଣମାନେ ଧ୍ୟାନ ଦେଲେ କି? ଆଦମ ପରମେଶ୍ୱରଙ୍କ ରବ ବ୍ୟତୀତ ଅନ୍ୟ ଏକ ରବ ଶୁଣିବା ପରେ, ତାଙ୍କର ନିଜର ପତ୍ନୀ...ଆଉ ମଣ୍ଡଳୀ ତା'ର ସଂଗଠନର ରବକୁ ଶୁଣୁଅଛି, ସେମାନଙ୍କ ମଧ୍ୟରେ ବାକ୍ୟ ବଦଳରେ ମତ ସିଦ୍ଧାନ୍ତକଗୁଡ଼ିକୁ ଯୋଗ କରୁଅଛି,

ସେମାନେ ଯେପରି ଉପାୟରେ ଚାହାଁନ୍ତି ସେମାନଙ୍କୁ ସେହିପରି ରହିବାକୁ ଦେଉଅଛି। ଯେପର୍ଯ୍ୟନ୍ତ ସେମାନେ ମଣ୍ଡଳୀକୁ ଯାଆନ୍ତି ଏବଂ ଏକ ନିର୍ଦ୍ଦିଷ୍ଟ ମଣ୍ଡଳୀର ସଦସ୍ୟ ହୋଇ ରହିଥା'ନ୍ତି, ତାହାହିଁ ସବୁକିଛି ସମସ୍ତ ବିଷୟ ଅଟେ। ସେମାନଙ୍କ ପାଇଁ, ବିଶ୍ୱାସୀର ସବୁଠାରୁ ନିକଟତମ ସମ୍ବନ୍ଧ ଯାହାକି ଏହି ପୃଥିବୀରେ ରହିଥାଏ, ତାହା ହେଉଛି ମଣ୍ଡଳୀ। ମାତ୍ର ସେହି ବିଶ୍ୱାସୀ, ସେହି ପ୍ରକୃତ ବିଶ୍ୱାସୀ ପାଇଁ, ସବୁଠୁ ନିକଟତମ ସମ୍ବନ୍ଧ ହେଉଛି ପବିତ୍ରଆତ୍ମା, ପରମେଶ୍ୱରଙ୍କ ବାକ୍ୟ।

77 ଏଣୁ ଆପଣ ଏହା ପାଆନ୍ତି ଯେ ଆଦମ ତାଙ୍କର ଅବସ୍ଥାକୁ ଜାଣିଲେ, ଏବଂ ସେ ପୁନର୍ବାର ପରମେଶ୍ୱରଙ୍କ ରବକୁ ଡାକ ଦେଉଥିବାର ଶୁଣିଲେ, ଆଉ ସେତେବେଳକୁ ସେ ଡିମ୍ବିରି ପତ୍ର ମଧ୍ୟରେ ଥିଲେ। ମାତ୍ର ତାହା ଏକ ନିନ୍ଦାର ରବ ଥିଲା, "ତୁମେ ଏହା କାହିଁକି କଲ?"

78 ମୁଁ ଆଶ୍ଚର୍ଯ୍ୟ କରେ ଯେ ଆଜି ଆମେରିକା, କିଅବା ସେହି ଜଗତ ତାହାର ଧାର୍ମିକ ଉନ୍ମାଦରେ, ଯେପରିକି ତାହା ରହିଅଛି, ଆଉ ଆମେରିକା ଗିଳି ପକାଉଅଛି, ସେଥିରେ ବିଲୀନ ହୋଇ ଯାଉଅଛି, ଏହା ଖୁବ୍ ଶୀଘ୍ର ଏକ ଜାତୀୟ ଧର୍ମ ହୋଇଯିବ। [ଟେପରେ ରିକ୍ତ ସ୍ଥାନ—ଅନୁ।]

79 ମୋ' ସମ୍ମୁଖରେ କିଏ ବସିଛନ୍ତି? ମୁଁ ଜାଣେ ଯେ ଏହା ଟେପ୍ ଗୁଡ଼ିକ ଅଟେ ଏବଂ ଏହା ସମଗ୍ର ଜଗତକୁ ଯିବ। ଆମର ଟେପ୍ କାର୍ଯ୍ୟକ୍ରମମାନ ରହିଛି, ଯେପରିକି ପ୍ରତ୍ୟେକଟି ବାର୍ତ୍ତା ସମଗ୍ର ଜଗତକୁ, ଅନ୍ୟ ସମସ୍ତ ଦେଶଗୁଡ଼ିକୁ ପହଞ୍ଚିବ।

80 ମାତ୍ର, ଯଦି ଆପଣ ଅନାଇବେ ଓ ଦେଖିବେ, ତେବେ ଆପଣ ତ ଡିମ୍ବିରି ପତ୍ରରେ ଠିକ୍ ଛିଡ଼ା ହୋଇଛନ୍ତି। ଯେତେବେଳେ ପରମେଶ୍ୱରଙ୍କ ପ୍ରକୃତ ରବ ବାହାରି ଆସିଥାଏ, ସେମାନେ ତାହା ବିଷୟରେ କ'ଣ କରିବେ ଜାଣନ୍ତି ନାହିଁ। ତାହା ଦ୍ୱନ୍ଦପୂର୍ଣ୍ଣ ଅଟେ, ସେମାନେ ଜାଣନ୍ତି ନାହିଁ ଯେ କ'ଣ କରିବେ।

81 ଶୀଘ୍ର କରିବା, ନୋହ ପରମେଶ୍ୱରଙ୍କ ରବ ଶୁଣିଲେ। ଏହା ତାହାର ଜୀବନକୁ ବଞ୍ଚାଇବା ପାଇଁ ପ୍ରସ୍ତୁତି କରୁଥିଲା, ଏବଂ ସେ ନିର୍ଦ୍ଦେଶାବଳୀ ଅନୁସରଣ କଲେ ଓ ସେ ଛିଡ଼ା ରହିଲେ।

82 ଯଦି ଜଣେ ବ୍ୟକ୍ତି ରବ ଶୁଣେ...ବର୍ତ୍ତମାନ ଧ୍ୟାନରେ ଶୁଣନ୍ତୁ, ଏହାକୁ ଭଲ ଭାବରେ ଧରନ୍ତୁ। ବିଫଳ ହୁଅନ୍ତୁ ନାହିଁ। ଯଦି ଜଣେ ବ୍ୟକ୍ତି କୌଣସି ବିଷୟର ରବ ଶୁଣେ, ଏବଂ ଯଦି ତାହା ପରମେଶ୍ୱରଙ୍କ ରବ ବୋଲି ପ୍ରମାଣିତ ହୋଇଥାଏ, ଏବଂ ସମୟ ଅନୁସାରେ ଥାଏ, ଆଉ ତା'ପରେ ତାହା ମନୁଷ୍ୟଠାରୁ ଆଗତ ହୋଇଥାଏ, ତାହାହେଲେ ଆକାଶ ଓ ପୃଥିବୀ ଲୋପ ପାଇଯିବ ମାତ୍ର ସେହି ରବ ଲୋପ ପାଇପାରିବ ନାହିଁ।

83 ନୋହ ରବକୁ ଶୁଣିଲେ, ଓ ଜଗତକୁ ନିନ୍ଦା କଲେ। ଆଉ ସେମାନେ ତାହାଙ୍କର ମୁହଁରେ ହସିଲେ କାରଣ ତାଙ୍କର—ତାଙ୍କର ବାର୍ତ୍ତା ସେମାନଙ୍କର ବୈଜ୍ଞାନିକ ଉପଲବ୍ଧିଗୁଡ଼ିକ ସହିତ ଏକମତ ହେଲା ନାହିଁ, ମାତ୍ର ତାହା ବର୍ଷା ହେଲା ଓ ସମଗ୍ର ଜଗତକୁ ଧ୍ୱଂସ କରିଦେଲା।

ବୁଝିଲେ? ତାହାଙ୍କର ରବ ଯାହାକି ବାହାରିଥିଲା, ବୀଜ ସେଠାରେ ପଡ଼ି ରହିଥିଲା । ପ୍ରତ୍ୟେକ ଯୁଗରେ ତାହା ସେହି ସମାନ ପ୍ରକାରେ ହିଁ ରହିଅଛି ।

84 ଶାମୁୟେଲ, ଯେତେବେଳେ ସେ ପରମେଶ୍ୱରଙ୍କ ରବକୁ ଶୁଣିଲେ ଭୟଭୀତ ହୋଇଥିଲେ, ଯେ ତାହାଙ୍କୁ ଥିଲା…ଏଲିଙ୍କୁ ଯାଇ ନିନ୍ଦା କରିବାକୁ ଥିଲା, ସେହି ବ୍ୟକ୍ତିଙ୍କୁ ଯିଏକି ତାଙ୍କର ଲାଳନ ପାଳନ କରିଥିଲେ । ସେହି ବ୍ୟକ୍ତି ଯିଏକି ତାଙ୍କ ପାଇଁ ଏକ ବାପା ତୁଲ୍ୟ ଥିଲେ ଏବଂ ତାଙ୍କୁ ପାଳି ପୋଷି ଥିଲେ ଓ ତାଙ୍କର ପ୍ରତିପୋଷଣ କରିଥିଲେ ।

85 ସେବକ ଭାଇମାନେ, କ'ଣ ମୁଁ କହିବି? ସେବକମାନେ, ଅନେକ ଥର, ସେମାନଙ୍କର ନାମଧାରୀ ପୃଷ୍ଠଭୁମି ଏବଂ ମତଗୁଡ଼ିକ ଉପରେ, ସେମାନଙ୍କର ମୁଣାରେ ଥିବା ସେମାନଙ୍କର ପ୍ରମାଣପତ୍ରଗୁଡ଼ିକର ଆଧାରରେ, ଯାହାକି ଠିକ୍ ସେହି ପୈତୃକ, ଠିକ୍ ସେହି ସଂଗଠନର ଅଟେ ଯିଏକି ସେମାନଙ୍କୁ ଲାଳନ ପାଳନ କରିଥିଲା ଏବଂ ସେମାନଙ୍କର ପ୍ରତିପୋଷଣ କରିଥିଲା ଓ ସେମାନଙ୍କୁ ପାଳି ପୋଷି ବଢ଼ାଇ ଥିଲା ଏବଂ ସ୍ଥିତିଗତ ଭାବରେ ସେମାନଙ୍କୁ ମଣ୍ଡଳୀରେ ସ୍ଥାପନ କରିଥିଲା, ଓ ସେମାନଙ୍କୁ ଏକ ସହଭାଗୀତାରେ ରଖିଥିଲା, ଆପଣଙ୍କୁ ତ ତାହାକୁ ପ୍ରତ୍ୟାକ୍ଷାନ କରି ଅସ୍ୱୀକାର କରିବାକୁ ଥାଏ ଯାହା ସେମାନେ ଶିକ୍ଷା ଦେଇଥା'ନ୍ତି । ବୁଝିଲେ? ପରମେଶ୍ୱରଙ୍କ ଜଣେ ପ୍ରକୃତ ସେବକ ନିମନ୍ତେ ଏହା କେତେ ଭୟଙ୍କର ବିଷୟ ହେବ ଯେ ସେ ପରମେଶ୍ୱରଙ୍କ ରବ ଶୁଣିଥାଏ ଓ ତାହାଙ୍କୁ ଠିକ୍ ସେହି ସମାନ ମାତୃ ସଂଗଠନ ନିକଟକୁ ଫେରିଯିବାକୁ ପଡ଼ିଥାଏ, ଓ ଏହା କହିବାକୁ ପଡ଼ିଥାଏ ଯେ, "ତୁମେ ନିନ୍ଦିତ ଅଟ କାରଣ ତୁମେ ଏହି ବାକ୍ୟକୁ ଗ୍ରହଣ କରୁ ନାହଁ ।" ଏହା କି ଏକ ବିଷୟ ଅଟେ!

ଏହା ଶାମୁୟେଲଙ୍କ ପାଇଁ କଠିଣ ଥିଲା । ମାତ୍ର ସେ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ, ତାହାଙ୍କୁ ତ ତାହା କରିବାକୁ ଥିଲା । ଏଥିରେ କିଛି ଯାଏ ଆସେ ନାହିଁ ଯେ ଏହା କଷ୍ଟ ହୁଏ କି ନାହିଁ, ତାହାଙ୍କୁ ତ ତାହା ଯେକୌଣସି ପ୍ରକାରେ ହେଲେ କରିବାକୁ ହିଁ ଥିଲା ।

86 ମୋଶା ପରମେଶ୍ୱରଙ୍କ ରବ ଶୁଣିଲେ । ସେ ଧର୍ମଶାସ୍ତ୍ରର ଜ୍ଞାନରେ ପରିପୂର୍ଣ୍ଣ ଥିଲେ । ସେ ତା'ର ସମସ୍ତ *ଭିତର* ଏବଂ *ବାହାର* କଥା ଜାଣିଥିଲେ, ମାତ୍ର ତାହା ବିଫଳ ହୋଇଥିଲା । ସେ ଯେବେ ପରମେଶ୍ୱରଙ୍କ ରବ ଶୁଣିଲେ, ମୋଶା ଆଉ କେବେ ବି ସେହି ସମାନ ପ୍ରକାର ହୋଇ ରହି ନ ଥିଲେ ।

87 ଆଉ କୌଣସି ମଣିଷ କେବେ ବି ସମାନ ରହିବେ ନାହିଁ । ହୋଇପାରେ ଆପଣ ନିଜ କାନରେ ସେହି—ସେହି ରବକୁ କଥା ହେଉଥିବାର ଶୁଣିଥିବେ, ମାତ୍ର ଯେତେବେଳେ ତାହା ଆପଣ ନିଜ ହୃଦୟରେ, ସେହି ରବକୁ କଥା ହେଉଥିବାର ଶୁଣିବେ, ଦେଖନ୍ତୁ, ତା'ପରେ ଯାଇ ଆପଣ ଶୁଣୁଥା'ନ୍ତି । ଆପଣ ନିଜ ଆଖିରେ ତାହା ଦେଖନ୍ତି ନାହିଁ । ଆପଣ ନିଜ ଆଖିରେ ତାହା ଅନାନ୍ତି, ଆପଣ ନିଜ ହୃଦୟରେ ତାହା ଦେଖନ୍ତି । ଆପଣ କିଛି ବିଷୟକୁ ଦେଖନ୍ତି, କହନ୍ତି, "ମୁଁ ତ ଏହାକୁ ଦେଖେ ନାହିଁ," ଆପଣଙ୍କ କହିବାର ଅର୍ଥ ଆପଣ ତାହା ବୁଝନ୍ତି ନାହିଁ । ଆପଣ ନିଜ କାନରେ ତାହା ଶୁଣନ୍ତି ନାହଁ, ଆପଣ ନିଜ ହୃଦୟରେ ତାହା ଶୁଣନ୍ତି । ଅନେକ ଥର ଆପଣଙ୍କର

କାନ ପରମେଶ୍ୱରଙ୍କ ପ୍ରକୃତ ରବକୁ ଶୁଣିଥାଏ, ଏବଂ ତାହା ଆପଣଙ୍କଠାରୁ ଏକ ବତକ ପିଠିରୁ ପାଣି ଖସିଯିବା ପରି ଖସି ଯାଇଥାଏ । ମାତ୍ର ଯେତେବେଳେ ଆପଣ ପ୍ରକୃତରେ ଶୁଣନ୍ତି, ଆପଣ ନିଜ ହୃଦୟରେ ତାହା ଶୁଣିଥା'ନ୍ତି ।

88 ଆଉ ମୋଶାଙ୍କଠାରେ ଯାହା ସମସ୍ତ ଧର୍ମଶାସ୍ତ୍ରର ଜ୍ଞାନ ରହିଥିଲା, ସେଥିରେ ସେ ପରମେଶ୍ୱରଙ୍କ ରବକୁ ଶୁଣି ନ ଥିଲେ । ମାତ୍ର ଦିନେ ପରମେଶ୍ୱର ଏହି ଅଶୀ-ବର୍ଷ-ର ମେଷ ଚରୁଆଳକୁ ଗୋଟିଏ ପାର୍ଶ୍ୱକୁ ଡାକିଲେ ଓ ତାଙ୍କ ସହିତ କଥା ହେଲେ, ଆଉ ସେ ଏହାକୁ ଧରି ପକାଇଲେ । ସେ ପ୍ରମାଣ କଲେ ଯେ ସେ ପରମେଶ୍ୱର ଅଟନ୍ତି । ପ୍ରଥମେ ବିଷୟ ଯାହା ସେ ମୋଶାଙ୍କ ସହିତରେ କଲେ, ତାହା ଥିଲା ତାହାଙ୍କର ବାକ୍ୟକୁ ପ୍ରମାଣିତ କଲେ, "ମୁଁ ତଳକୁ ଯାଉଅଛି, ମୋ'ର ମନେ ଅଛି ଯାହା ମୁଁ ପ୍ରତିଜ୍ଞା କରିଅଛି ।"

89 ଆଉ ଏହାହିଁ ତାହା ଅଟେ ଯାହା ସେ ଶେଷ ଦିନମାନଙ୍କ ପାଇଁ ପ୍ରତିଜ୍ଞା କରିଅଛନ୍ତି । ସେ ବିଜାତୀୟମାନଙ୍କଠାରୁ ଏକ ଗୋଷ୍ଠୀକୁ ଉଠାଇବେ, ଏବଂ ସମସ୍ତ ପ୍ରତିଜ୍ଞାମାନ ।

90 "ଏହା ମୁଁ ପ୍ରତିଜ୍ଞା କରିଅଛି ।" କହିଲେ, "ମୋଶା, ତୁମର ପାଦୁକା କାଢ଼ ।" ଅନ୍ୟ ଶବ୍ଦର କହିବାକୁ ଗଲେ, ଏହାକୁ ସମ୍ମାନ ଦିଅ । "ବର୍ତ୍ତମାନ ତୁମର ଯଷ୍ଟିକୁ ଫୋପାଡ଼ି ଦିଅ ।" ଆଉ ମରୁଭୂମିର ଗୋଟିଏ—ଗୋଟିଏ ଶୁଖିଲା ବାଡ଼ି ଏକ ସର୍ପ ହୋଇଗଲା, ଏବଂ ମୋଶା ତାହାକୁ ଧରିଲେ, ପୁଣି ଏହା ତା'ର ପୂର୍ବ ସ୍ଥିତିକୁ ଆସିଗଲା । ବୁଝିଲେ? ସେ ଜାଣିଲେ ଯେ ତାହା ପରମେଶ୍ୱର ଅଟନ୍ତି, କାରଣ ପରମେଶ୍ୱର କହିଲେ, ପରମେଶ୍ୱରଙ୍କ ସେହି ବାକ୍ୟ, ସେହି ବାକ୍ୟ ଯାହା ସେ କହୁଥିଲେ, କହିଲେ, "ତୁମ ହାତରେ ଥିବା ବାଡ଼ି ଫିଙ୍ଗିଦିଅ ।" ତାହା ହେଉଛି ପରମେଶ୍ୱରଙ୍କ ବାକ୍ୟ । ସେହି ସମାନ ବିଷୟ କରିବାକୁ ଚେଷ୍ଟା କରନ୍ତୁ ନାହିଁ, ତାହା ଆପଣଙ୍କ ପାଇଁ ପରମେଶ୍ୱରଙ୍କ ବାକ୍ୟ ନୁହେଁ, ତାହା ତ ମୋଶାଙ୍କ ପାଇଁ ପରମେଶ୍ୱରଙ୍କ ବାକ୍ୟ ଅଟେ । ପରମେଶ୍ୱରଙ୍କ ବାକ୍ୟ ଆପଣଙ୍କ ପାଇଁ *ଏଠାରେ* ଅଟେ! "ବାଡ଼ିକୁ ତଳେ ଫିଙ୍ଗିଦିଅ ।" ଏହା ଏକ ସର୍ପରେ ପରିଣତ ହୋଇଗଲା । କହିଲେ, "ବର୍ତ୍ତମାନ କ'ଣ ତୁମେ ଏହାକୁ ଭୟ କରୁଅଛ? ଏହାକୁ ଲାଞ୍ଜରେ ଧରି ଉଠାଅ," ଆଉ ତାହା ପୁଣି ତା'ର ପୂର୍ବାବସ୍ଥାକୁ ଫେରିଗଲା । ତାହାଙ୍କ ପାଇଁ ପରମେଶ୍ୱରଙ୍କ ବାକ୍ୟ ଥିଲା । ସେ କ'ଣ କଲେ? ପରମେଶ୍ୱର ଆପଣା ବାକ୍ୟକୁ ପ୍ରମାଣିତ କଲେ ।

91 ମୋ' ପାଖକୁ ଏଠାରେ କିଛି ମାସ ପୂର୍ବେ ଏକ ଟେଲିଫୋନ୍ ଡାକରା ଆସିଥିଲା, ପ୍ରାୟଃ, ହୋଇଥିବ, ଓଃ, ତାହା ପ୍ରାୟଃ ଏକ ବର୍ଷ, ଏକ ବର୍ଷରୁ ଅଧିକ ହୋଇଥିବ । ଟେଲିଫୋନ୍ ସଂଯୋଗର ଆର ପଟରେ ଜଣେ ସାନ ମହିଳା ଥିଲେ, ଜଣେ ବାପ୍ତିଷ୍ଟ ପ୍ରଚାରକ ଏବଂ ଜଣେ ପେଣ୍ଟିକଷ୍ଟାଲ୍ ପ୍ରଚାରକଙ୍କ ସହିତରେ । ସେ କହିଲେ, "ଭାଇ ବ୍ରାନ୍‌ହାମ୍, ପ୍ରଭୁ ମୋତେ ଜଣେ ଭବିଷ୍ୟଦ୍‌ବକ୍ତ୍ରୀ କରିଅଛନ୍ତି ।"

କହିଲି, "ଉତ୍ତମ ।"

92 କହିଲେ, "କ'ଣ ଆପଣ ଜାଣନ୍ତି, ମୋତେ କୁହାଯାଇଛି ଯେ ଆପଣ କହିଥିଲେ ଯେ ଆପଣ—ଆପଣ ଏଥିର ସାକ୍ଷୀ ଅଟନ୍ତି ଯେ ମୋ'ର ସେବାକାର୍ଯ୍ୟଟି ପରମେଶ୍ୱରଙ୍କ ଆଡ଼ୁ ଅଟେ।"

93 ତେବେ, ମୁଁ ତାହା କରିପାରେ ନାହିଁ, ତାହା ତ ବାକ୍ୟର ବିରୁଦ୍ଧରେ ଅଟେ। ଏଣୁ ମୁଁ କହିଲି, "ମହିଳା, ତାହା ଏକ ତ୍ରୁଟି ଅଟେ। ମୁଁ ତ ଆପଣଙ୍କୁ ଜାଣେ ସୁଦ୍ଧା ନାହିଁ।"

94 ଆଉ ସେହି ବାପ୍‌ଟିଷ୍ଟ ପ୍ରଚାରକ, ମୁଁ ତାଙ୍କୁ କହୁଥିବାର ଶୁଣିଲି, ମୁଁ ପେଣ୍ଟିକଷ୍ଟାଲ୍ ପ୍ରଚାରକକୁ ଶୁଣିଲି। ସେହି ମହିଳା କହିଲେ, "ତେବେ, ମୁଁ ଏଠାରେ ଏକ ସଭା କରୁଅଛି।" ଏବଂ କହିଲେ, "ପ୍ରଭୁ ବହୁତ ମହାନ୍ କାର୍ଯ୍ୟମାନ କରୁଅଛନ୍ତି।"

95 ମୁଁ କହିଲି, "ମୁଁ ଏଥିପାଇଁ କୃତଜ୍ଞ ଅଟେ।" ସେ କହିଲେ...ମୁଁ କହିଲି, "କ'ଣ ସେ ଏପର୍ଯ୍ୟନ୍ତ ଆପଣଙ୍କୁ କିଛି କହିଛନ୍ତି କି?"

କହିଲେ, "ହଁ, ମୋ' ହାତରେ ଏକ ବହୁତ ବଡ଼ କାର୍ଯ୍ୟକ୍ରମ ରହିଛି।"

96 ମୁଁ କହିଲି, "ଅଦ୍ଭୁତ।" ମୁଁ ପଚାରିଲି, "ତେବେ, ଆପଣଙ୍କର କାର୍ଯ୍ୟକ୍ରମଟି କ'ଣ?" ମୁଁ କହିଲି, "ପ୍ରଭୁ ଆପଣଙ୍କୁ କ'ଣ କହିଛନ୍ତି?"

97 "ସେ କହିଲେ, 'ଏକ *ନିର୍ଦ୍ଦିଷ୍ଟ-ନିର୍ଦ୍ଦିଷ୍ଟ* ତାରିଖରେ ଫିନିକ୍ସ, ଏରିଜୋନାକୁ ଯାଅ, ଆଉ ତା'ପରେ ମୁଁ ତୁମକୁ ହଜିଯାଇଥିବା ଡଚମ୍ୟାନ୍ ସୁନାଖଣି ଦେବାକୁ ଯାଉଅଛି, ଓ ତୁମେ ସେଠାରେ ମିଳିଥିବା ଏହି ସୁନାକୁ ନେବାକୁ ଯାଉଅଛ ଏବଂ ତୁମେ ସମଗ୍ର ବିଶ୍ୱରେ ମିଶନାରୀମାନଙ୍କୁ ପ୍ରାୟୋଜିତ କରିବାକୁ ଯାଉଅଛ।'" ଯେତେବେଳେକି ଆମେମାନେ ସମସ୍ତେ ଜାଣୁ ଯେ ହଜିଯାଇଥିବା ଡଚମ୍ୟାନ୍ ଖଣି ଏକ କିମ୍ବଦନ୍ତୀ ଅଟେ। "ତେଣୁ ସେ କହିଲେ।"

98 ମୁଁ କହିଲି, "ତେବେ ଠିକ୍ ଅଛି, ମୁଁ ଆପଣଙ୍କୁ କହିବି ଯେ ଆପଣ ଏହା କିପରି ଜାଣିବେ ଯେ ତାହା ପରମେଶ୍ୱର ଅଟନ୍ତି କି ନୁହେଁ।" ମୁଁ କହିଲି, "ଆପଣ ସେଦିନ ସେଠାରେ ଉପସ୍ଥିତ ରୁହନ୍ତୁ। ଏବଂ ଯଦି ଏହା ଅଟେ ଯେ ଆପଣ ହଜି ଯାଇଥିବା ଡଚମ୍ୟାନ୍ ଖଣି ଖୋଜି ପାଆନ୍ତି, ତାହାହେଲେ ଏହା ପରମେଶ୍ୱର ଅଟନ୍ତି। ଯଦି ଆପଣ ହଜି ଯାଇଥିବା ଡଚମ୍ୟାନ୍ ଖଣି ଖୋଜି ନ ପାଆନ୍ତି, ତାହାହେଲେ ଅନୁତାପ କରନ୍ତୁ ଓ ସେହି ମିଥ୍ୟା ଆତ୍ମାକୁ ଆପଣଙ୍କଠାରୁ ଦୂର କରିଦିଅନ୍ତୁ।" ଏହି ପ୍ରକାରେ ହିଁ ଜାଣିବାର ଉପାୟ ଅଟେ ଯେ ତାହା ପରମେଶ୍ୱର ଅଟନ୍ତି କି ନୁହେଁ।

99 ପରମେଶ୍ୱର କହିଲେ, "ମୋଶା, ବାଡ଼ିଟିକୁ ଫିଙ୍ଗିଦିଅ, ଆଉ ତାହା ଏକ ସର୍ପରେ ପରିଣତ ହୋଇଯିବ।" ସେ ତାହା କଲେ। ସେ କହିଲେ, "ଏହାକୁ ଉଠାଇ ନିଅ ଏବଂ ଏହା ପୁଣି ଥରେ ଏକ ବାଡ଼ି ହୋଇଯିବ।" ସେ ତାହା କଲେ।

100 ଯେତେବେଳେ ପରମେଶ୍ୱର ଏହି ଶେଷ ଦିନମାନଙ୍କରେ ଏକ ସେବାକାର୍ଯ୍ୟର ପ୍ରତିଜ୍ଞା କରନ୍ତି, ସେ ଏହାକୁ ଠିକ୍ ସେହି ପ୍ରକାରେ ସ୍ଥିରୀକୃତ କରିବେ ଯେପରିକି ସେ ଏହାକୁ କରିବେ ବୋଲି କହିଥା'ନ୍ତି । ତା'ପରେ ଆପଣମାନେ ଜାଣନ୍ତି ଯେ ଆପଣ ସଠିକ୍ ରବ ପାଇଅଛନ୍ତି । ଆପଣ ସଠିକ୍ କଥାକୁ ଶୁଣୁଅଛନ୍ତି, କାରଣ ଏହା ତ ବାକ୍ୟ ସ୍ଥିରୀକୃତ ହେଉଥାଏ । ବୁଝିଲେ? ଓଃ, କିପରି...ମୁଁ ଦୁଃଖିତ ଅଟେ, ମୁଁ...ଠିକ୍ ଅଛି ।

101 ମୋଶା ଭିନ୍ନ ଭାବରେ ବ୍ୟବହାର କଲେ । ଦେଖନ୍ତୁ କି ଏକ—ଏକ ମଜାଦାର ବିଷୟ ମୋଶା କଲେ । ତେବେ, ସର୍ବଦା ଯେତେବେଳେ ବି ଆପଣ ପରମେଶ୍ୱରଙ୍କ ରବ ଅନୁସରଣ କରୁଥା'ନ୍ତି, ଆପଣ ଜଗତ ଦୃଷ୍ଟିରେ, ପାଗଳ ଅଟନ୍ତି । ତହିଁର ପରବର୍ତ୍ତୀ ଦିନ, ମୋଶାଙ୍କୁ ଦେଖାଗଲା, ତାଙ୍କର ପତ୍ନୀ ସହିତ ଯିଏକି ଗୋଟିଏ ଖଚର ଉପରେ ବସିଥିଲେ, ଏବଂ ତାଙ୍କ ଜଂଘରେ ଏକ ସାନ ପିଲା, ଅବା ତାହା ଦକ୍ଷିଣାଞ୍ଚଳରେ ଯେପରି କୁହାଯାଏ, "ଶିଶୁଟିଏ" ତାଙ୍କ ଜଂଘ ଉପରେ ଥିଲା, ଏବଂ ସେମାନେ ସେଠାରେ ଚାଲି ଆସୁଥିଲେ । ଏହି ବୃଦ୍ଧ ବ୍ୟକ୍ତି ଜଣକ ଯାହାଙ୍କର ଦାଢ଼ୀ *ଏପରି* ଝୁଲି ରହିଥିଲା, ଏବଂ ତାଙ୍କର ଅନାବୃତ ମୁଣ୍ଡ ଉଜ୍ଜ୍ୱଳ ହୋଇ ଚମକୁଥିଲା, ହାତରେ ଗୋଟିଏ ବାଡ଼ି ଥିଲା, ଗୋଟିଏ ସାନ ଗଧକୁ କଢ଼େଇ ନେଇ, ଠିକ୍ ମିସର ଆଡ଼କୁ ଯେତିକି ଜୋର୍ ରେ ପାରିଥିଲେ ସେତିକି ବଳ ଶକ୍ତିରେ ସେ ଚାଲିଥିଲେ । କେହି ଜଣେ କହିଲା, "ମୋଶା, ତୁମେ କେଉଁଠାକୁ ଯାଉଅଛ?"

102 "ମିସରକୁ ଯାଉଅଛି, ସେହି ବିଷୟକୁ ଅଧିକାର କରିବାକୁ ।" ଯେଉଁଠିରେକି ସେ ଜଣେ ଯୁବା ଲୋକ ଭାବରେ ବିଫଳ ହୋଇଥିଲେ, ସେ ଜଣେ ସାମରିକ ଲୋକ ଭାବରେ ବିଫଳ ହୋଇଥିଲେ, ମାତ୍ର ଏଠାରେ ସେ ଅଧିକାର କରିବାକୁ ଯାଉଥିଲେ । ଏବଂ ସେ ତାହା କଲେ । କାହିଁକି? ସେ ପରମେଶ୍ୱରଙ୍କ ରବ ଶୁଣିଥିଲେ ଓ ତାହାକୁ ତାଙ୍କର ଦିନ ପାଇଁ ସୁପ୍ରମାଣିତ ହୋଇଥିବାର ଦେଖିଥିଲେ; କାରଣ ଯେଉଁସବୁ ବିଷୟ ତାହାଙ୍କର ଦିନରେ ହେବାକୁ ଥିଲା, ସେ ତାହା ଦେଖିଥିଲେ ।

103 ପାଉଲ, ଜଣେ ଆତ୍ମ-ଘୋଷିତ ଫାରୂଶୀ, ଯେତେ ସମ୍ଭବ ଧର୍ମଶାସ୍ତ୍ର ଜ୍ଞାନରେ ପରିପୂର୍ଣ୍ଣ ହୋଇ ପାରିଥିଲେ ସେତିକି ସେ ଥିଲେ, ମାତ୍ର ଦିନେ ସେ ପରମେଶ୍ୱରଙ୍କ ରବ ଶୁଣିଲେ । ସେ ଏକ ଅଗ୍ନିସ୍ତମ୍ଭକୁ ଦେଖିଲେ, ଏବଂ ସେ ଜାଣିଲେ ଯେ କିଛି ଗୋଟାଏ ବିଷୟ ଭିନ୍ନ ଅଛି । ଏହା ତାଙ୍କର ଜୀବନକୁ ବଦଳାଇ ଦେଇଥିଲା । ଏଥିରେ କିଛି ଯାଏ ଆସେ ନାହିଁ ଯେ କେତେ ଫାରୂଶୀମାନେ, କେତେ ଗମଲିୟେଲମାନେ କିମ୍ବା ଅନ୍ୟ କୌଣସି ବିଷୟ ପାଉଲଙ୍କୁ ଏହା କେତେ ଚିତ୍କାର କରି ପାରିଥିଲେ, "ତୁମେ ଭୁଲ୍ ଅଟ, ତୁମେ ଭୁଲ୍ ଅଟ," ପାଉଲ ତ ପରମେଶ୍ୱରଙ୍କ ରବ ଶୁଣିଥିଲେ, ସେ ଜାଣିଥିଲେ ଯେ ତାହା ସତ୍ୟ ଅଟେ ।

104 ପିତର, ଯେତେ ସମ୍ଭବ ଧାର୍ମିକ ସେ ହୋଇ ପାରିଥିଲେ ସେ ଥିଲେ, ପ୍ରାଚୀନମାନଙ୍କର ପରମ୍ପରାକୁ ପାଳନ କରିବାକୁ ଯାଇ, ସେ କୌଣସି ମାଂସ ଖାଉ ନ ଥିଲେ । ନା, ଆଜ୍ଞା । ତାହାର ତ ସେହି ବିଷୟରେ ଆଦୌ କିଛି ହେଲେ କରିବାର ନ ଥିଲା । ସେ ତ ପ୍ରକୃତରେ

ପ୍ରାଚୀନମାନଙ୍କର ପରମ୍ପରାଗୁଡ଼ିକୁ ପାଳନ କରୁଥିଲେ, ବାକ୍ୟର ଠିକ୍ ଅକ୍ଷର ପର୍ଯ୍ୟନ୍ତ। କ'ଣ ହେଲା? ଦିନେ ସେ ପରମେଶ୍ୱରଙ୍କ ରବକୁ ଶୁଣିଲେ, "ସେହି ବିଷୟକୁ ସାଧାରଣ ଓ ଅଶୁଚି ବୋଲି କୁହ ନାହିଁ, ଯାହା ମୁଁ ଶୁଚି କରିଥାଏ।" ସେ ଜଣେ ପରିବର୍ତ୍ତିତ ବ୍ୟକ୍ତି ଥିଲେ। ସେ ଯେକୌଣସି ସ୍ଥାନକୁ ଯିବା ପାଇଁ ପ୍ରସ୍ତୁତ ଥିଲେ ଯେଉଁଠାକୁ କି ପ୍ରଭୁ ତାଙ୍କୁ ପଠାଇଥିଲେ।

105 ସମାପ୍ତ କଲା ବେଳେ, ମୁଁ ଏହା କହିପାରେ। ଥରେ ଗୋଟିଏ ବ୍ୟକ୍ତି ଥିଲେ ଯିଏକି ଜଣେ ବିଶ୍ୱାସୀ ଥିଲେ। ସେ ଚାରି ଦିନ ହେଲା ମୃତ ଥିଲେ। ସେ ସମାଧିରେ, ଦୁର୍ଗନ୍ଧ, ଶଢ଼ି ଯାଇଥିବା ଅବସ୍ଥାରେ ଥିଲେ, ମାତ୍ର ସେ ପରମେଶ୍ୱରଙ୍କ ରବକୁ ଏହା କହୁଥିବାର ଶୁଣିଲେ, "ଲାଜାର, ବାହାରି ଆସ!" ଆଉ ତାହା ଯଦି ଜଣେ ମନୁଷ୍ୟକୁ ଯିଏକି ମୃତ ଓ ପଚି ଶଢ଼ି ଯାଇଥିଲେ ତା'ପରେ ତାକୁ ବାହାର କରି ଆଣିଥିଲା, ତେବେ ସେହି ମଣ୍ଡଳୀ ସହିତ ଏହା କ'ଣ କରିବା ଉଚିତ୍, ଯାହାରକି ଏବେ ସୁଦ୍ଧା ଜୀବନ ଅଛି? ଏହାକୁ ତ ସେମାନଙ୍କୁ ଏହି ସମସ୍ତ ରବଗୁଡ଼ିକର ଗଣ୍ଡଗୋଳ ମଧ୍ୟରେ ପୁନରୁତ୍ଥାନ କରିବା ଉଚିତ୍ ଅଟେ, ଯାହା ବିଷୟରେକି ଆମେମାନେ ଆଲୋଚନା କରିଅଛୁ, ଯଥା ଧାର୍ମିକ, ରାଜନୀତି, ହଲିଉଡ, ସମସ୍ତ ଭଣ୍ଡ ଭବିଷ୍ୟଦ୍‌ବାଣୀମାନ ଏବଂ ବିଷୟମାନ ଯାହାକି ବାହାରି ଅଛି। ଏହିସବୁ ବିଷୟଗୁଡ଼ିକ ମଧ୍ୟରେ, ପରମେଶ୍ୱରଙ୍କ ପ୍ରକୃତ ରବ ଜଣେ ମନୁଷ୍ୟକୁ, ଯିଏକି ପାପ ଏବଂ ଅପରାଧରେ ମରି ଯାଇଥାଏ, ପୁନର୍ବାର ଜୀବନ ମଧ୍ୟକୁ ଡାକିବ। ଏହାକୁ ତ ଏକ ପଶ୍ଚାତଗାମୀ ମଣ୍ଡଳୀକୁ ନେବା ଉଚିତ୍ ଓ ତାକୁ ପୁନର୍ବାର ଜୀବନ ମଧ୍ୟକୁ ଡାକିବା ଉଚିତ୍ ଅଟେ। ନିଶ୍ଚିତରେ!

106 ମନେ ରଖନ୍ତୁ, ସମାପ୍ତ କରିବା ବେଳେ, ମୁଁ ଏହା କହୁଛି, ଏବଂ ତା'ପରେ ମୁଁ ବନ୍ଦ କରିବି। ଯୀଶୁ କହିଲେ, "ସମୟ ଆସିବ, ଯେତେବେଳେ କବରରେ ଥିବା ସମସ୍ତ ଲୋକେ ପରମେଶ୍ୱରଙ୍କ ରବକୁ ଶୁଣିବେ।" ଆଉ ଆପଣ ତାହା ଶୁଣିବାକୁ ଯାଉଛନ୍ତି। ଏଥିରେ କିଛି ଯାଏ ଆସେ ନାହିଁ ଯେ ଆପଣ କେଉଁ ଅବସ୍ଥାରେ ଅଛନ୍ତି, ଆପଣ ଯେକୌଣସି ପ୍ରକାରେ ହେଲେ ତାହା ଶୁଣିବାକୁ ଯାଉଛନ୍ତି। ପୁଣି ସେମାନଙ୍କ ମଧ୍ୟରୁ କେତେକେ ଯେଉଁମାନେକି କବରରୁ ବାହାରନ୍ତି, ନିନ୍ଦାର ପାତ୍ର ହେବେ। ସେମାନେ ରବ ଶୁଣନ୍ତି, ମାତ୍ର ତାହା ନିନ୍ଦା କରୁଥାଏ। ପୁଣି ଆଜି ଯଦି ଆପଣ ଏହା ଶୁଣନ୍ତି, "ଆଜି, ଏତେ ଦିନ ଉତ୍ତାରେ, ଯେତେବେଳେ ତୁମେ ମୋ'ର ରବ ଶୁଣ, ନିଜର ହୃଦୟଗୁଡ଼ିକୁ କଠିନ କର ନାହିଁ, ଯେପରିକି ତୁମେ ଉତ୍ତେଜନାର ଦିନମାନଙ୍କରେ କରିଥିଲ।" ଆଉ ଯଦି ତୁମେ, ପେଣ୍ଟିକଷ୍ଟାଲ୍ ଲୋକମାନେ ପୁଣି ଥରେ ନିଜକୁ ମତ ସିଦ୍ଧାନ୍ତଗୁଡ଼ିକରେ, ଜାଗତିକତାରେ, "ଭକ୍ତିର ଏକ ଭେଖ ଧରନ୍ତି ଏବଂ ତାହାର ଶକ୍ତିକୁ ଅସ୍ୱୀକାର କରନ୍ତି," ରେ ରୁଣ୍ଡ କରୁଅଛ ଏହା ପୂର୍ବେକି ତୁମମାନଙ୍କୁ ନିନ୍ଦିତ ହେବା ନିମନ୍ତେ ପୁନରୁତ୍ଥାନରେ ଉଠିବାକୁ ଅଛି, କାରଣ ପରମେଶ୍ୱରଙ୍କ ରବ ଯାହାକି ବର୍ତ୍ତମାନ ତୁମମାନଙ୍କ ସହିତ ବାକ୍ୟ ମାଧ୍ୟମରେ କଥା ହେଉଅଛନ୍ତି ସେଦିନ ତୁମମାନଙ୍କୁ ନିନ୍ଦା କରିବ।

107 ଯଦି ଆପଣ କେବଳ ଜଣେ ଈଷଦୁଷ୍ଣ ବିଶ୍ୱାସୀ ଅଟନ୍ତି, ତେବେ ଏହି ସକାଳରେ

ପରମେଶ୍ୱରଙ୍କ ରବ ଆପଣଙ୍କ ହୃଦୟରେ କ୍ରନ୍ଦନ କରେ, “ତୁମେ ଜଣେ ଈଷଦୁଷ୍ଣ ବିଶ୍ୱାସୀ ଅଟ,” ଭଲ ହେବ ଯେ ଆପଣ ଅନୁତାପ କରି ନିଅନ୍ତୁ!

108 ଆପଣ ପୁରୁଷମାନେ, ମହିଳାମାନେ, ପୁଅମାନେ କିମ୍ବା ଝିଅମାନେ, ଯେଉଁମାନେକି ଖ୍ରୀଷ୍ଟଙ୍କ ନିମନ୍ତେ ଜୀବନ ଯାପନ କରୁନାହଁ, ପୁଣି ପରମେଶ୍ୱରଙ୍କ ରବ ଆପଣଙ୍କୁ ତାହାଙ୍କର ବାକ୍ୟ ମାଧ୍ୟମରେ କଥା କହେ ଓ ଏହା କହିଥାଏ “ତାହା କରିବା ବନ୍ଦ କର,” ଭଲ ହେବ ଯେ ଆପଣ ତାହା କରି ନିଅନ୍ତୁ । କାରଣ ଆପଣ ତାହା ଗୋଟିଏ ଦିନ ପୁଣି ଥରେ ଶୁଣିବାକୁ ଯାଉଛନ୍ତି, ଆଉ ସେତେବେଳେ ତାହା ଆପଣଙ୍କୁ ନିନ୍ଦା କରିବ । ଆପଣ ଏହାକୁ ଅସ୍ୱୀକାର କରିପାରିବେ ନାହିଁ, ଏହା ତ ବର୍ତ୍ତମାନ ଆପଣଙ୍କୁ କହୁଅଛି । ଏବଂ, ମନେ ରଖନ୍ତୁ, ଏହା ରେକର୍ଡ଼ ହେଉଅଛି ।

109 ଏବଂ ସେମାନେ ଯେଉଁମାନେକି ଠିକ୍ ଆଚରଣ କରନ୍ତି ଓ ତାହାଙ୍କର ରବ ଶୁଣନ୍ତି, ସେମାନେ ଧାର୍ମିକତାରେ ଉପରକୁ ଉଠିବେ, ମହିମାରେ, ସ୍ୱର୍ଗକୁ ଉନ୍ନୀତ କରାଯିବେ ।

110 ଏଣୁ ଆପଣ କୌଣସି ସମୟରେ ପରମେଶ୍ୱରଙ୍କ ରବ ଶୁଣିବାକୁ ଯାଉଛନ୍ତି । ହୋଇପାରେ ଆଜି ସକାଳରେ ତାହା ହାଲୁକା ଭାବରେ ଆପଣଙ୍କର ହୃଦୟକୁ କହୁଥାଏ, ଯେ ଆପଣ ଚାଲି ଯାଉଥିବା ମାର୍ଗରୁ ଆପଣଙ୍କୁ ଫେରିଯିବା ଉଚିତ୍ ଅଟେ, ପରମେଶ୍ୱରଙ୍କ ନିକଟକୁ ଫେରିଯିବା ଉଚିତ୍ ଅଟେ । ବର୍ତ୍ତମାନ, ମନେ ରଖନ୍ତୁ ଯେ, ସେମାନେ ସେହି ରବକୁ ସ୍ୱର୍ଗରେ ରେକର୍ଡ଼ କରିବେ, ଯାହାକି ଆପଣଙ୍କ ହୃଦୟ ସହିତ କଥାବାର୍ତ୍ତା କରୁଅଛି । ଆଉ କୌଣସି ଏକ ଦିନେ ଯେତେବେଳେ ଯୀଶୁ ଡାକିବେ, ପୁଣି ସେସମସ୍ତେ ଯେଉଁମାନେକି କବରରେ ଅଛନ୍ତି, ସମସ୍ତେ, ଠିକ୍ ଏବଂ ଭୁଲ, ଉଠି ଆସିବେ । ଆଉ ତେବେ ଠିକ୍ ଏହି ସମାନ ରବ ଆପଣଙ୍କୁ ପୁନର୍ବାର ଫୁସ୍ ଫୁସ୍ କରି କହିବ, “ଫିନିକ୍ସ, ଏରିଜୋନାରେ, ଏକ ନିର୍ଦ୍ଦିଷ୍ଟ ରବିବାର ସକାଳରେ, ଯେତେବେଳେ ସେହି ସେବକ ତୁମକୁ ରବ ଉପରେ କଥା କହୁଥିବା ବେଳେ, ଏତେ ଦୀର୍ଘ ସମୟ ଧରି ରଖିଥିଲେ, ମୁଁ ତୁମ ସହିତ କଥା ହୋଇଥିଲି; ସ୍ତ୍ରୀମାନଙ୍କୁ ତୁମକୁ ଲମ୍ବା କେଶ ବଢ଼ିବାକୁ ଦିଅ ବୋଲି କହିଥିଲି, ଅନୈତିକ ପୋଷାକ ପିନ୍ଧିବା ଛାଡ଼ିଦିଅ ବୋଲି କହିଥିଲି; ପୁରୁଷମାନଙ୍କୁ ତୁମକୁ ସେହି ମିଛ କହିବା, ଧୂମ୍ରପାନ କରିବା ଛାଡ଼ିଦିଅ ବୋଲି କହିଥିଲି; ପ୍ରଚାରକମାନଙ୍କୁ ତୁମକୁ ପରମେଶ୍ୱରଙ୍କ ବାକ୍ୟ ନିକଟକୁ ଫେରିଯିବାକୁ କହିଥିଲି ।” କ'ଣ ଆପଣମାନେ ମୋ'ର କହିବା ବିଷୟକୁ ବୁଝୁଛନ୍ତି? ତାହା ଠିକ୍ ଅଟେ ।

ସେହି କ୍ଷୁଦ୍ର ରବ କୁହେ, “ଏହା ଠିକ୍ ହୋଇପାରେ ।”

111 ଯଦି ମୋତେ ନୀକଦୂମ ପରି ଆସିବାକୁ ପଡ଼େ, ତଥାପି ମୁଁ ସେଠାରେ ପହଞ୍ଚିବାକୁ ଚେଷ୍ଟା କରିବି । ମୁଁ ତାହାଙ୍କ ନିକଟକୁ ଆସିବି, ଏବଂ ମରୁଭୂମିରେ ଏଠାରେ କୌଣସି ସ୍ଥାନକୁ ଯିବି, ଓ କହିବି, “ପ୍ରଭୁ ପରମେଶ୍ୱର, ମୁଁ ଏଠାରେ ଅଛି, ମୋତେ ବର୍ତ୍ତମାନ ପରିବର୍ତ୍ତନ କର । ତୁମ ଅନୁରୂପ ଢାଞ୍ଚାରେ ମୋତେ ଗଢ଼ ।” ବାକ୍ୟ ନିକଟକୁ ଫେରି ଆସନ୍ତୁ । କେଉଁଠାରେ ଯେତେବେଳେ ଆପଣ ଏହା ଦେଖନ୍ତି ଯେ ଆପଣ ବାକ୍ୟରୁ ଓହରି ଯାଉଛନ୍ତି, ସେହି ସ୍ଥାନକୁ

ଠିକ୍ ଫେରି ଆସନ୍ତୁ, କାରଣ ଗୋଟିଏ ଜଞ୍ଜୀର ତାହାର ସବୁଠୁ ଦୁର୍ବଳ ଶୃଙ୍ଖଳାରେ ସବୁଠୁ ମଜବୂତ୍ ଥାଏ। ଆଉ ଆପଣଙ୍କ ଜୀବନରେ ଯେଉଁଠାରେ ବି ଯଦି ଆପଣ ଏକ ପରମ୍ପରାକୁ ସେବା କରିବା ନିମନ୍ତେ, ପରମେଶ୍ୱରଙ୍କ ଆଜ୍ଞାକୁ ଛାଡ଼ି ଦେଇଥା'ନ୍ତି, ତେବେ ସେହିଠାରେହିଁ ଆପଣଙ୍କର ଜଞ୍ଜୀର ଛିଣ୍ଡିଯିବ ଏଥିରେ କିଛି ଯାଏ ଆସେ ନାହିଁ ଯେ ଆପଣ ଅନ୍ୟାନ୍ୟ ବିଷୟଗୁଡ଼ିକ ଉପରେ କେତେ ଦୃଢ଼ ରହିଥାଆନ୍ତି। ପରମେଶ୍ୱରଙ୍କ ଅପରିବର୍ତ୍ତନୀୟ ହାତକୁ ଧରି ନିଅନ୍ତୁ।

112 ଆସନ୍ତୁ ପ୍ରାର୍ଥନା କରିବା। ଆଜି, ଏତେ ଦିନ ଉତ୍ତାରେ, ପ୍ରଭୁ, ତୁମେ କହିଥିଲ ଯେ ତୁମେ କହିବ, ତୁମେ ତୁମର ବ୍ୟବସ୍ଥାଗୁଡ଼ିକୁ ହୃଦୟର ପ୍ରସ୍ତର ଫଳକ ଉପରେ ଲେଖିବ। ମୁଁ ଜାଣେ ନାହିଁ ଯେ ମୋ' ସମ୍ମୁଖରେ କ'ଣ ରଖା ହୋଇଅଛି। କେବଳ ଗୋଟିଏ ବିଷୟ ମୁଁ ଜାଣେ ଯେ କରିବାକୁ ଅଛି ତାହା ହେଲା ତୁମର ବାକ୍ୟକୁ ନେବା ଓ ତାହାକୁ ବିସ୍ତାର କରିବା, ନିଶ୍ଚିତ ଭାବରେ କୌଣସିଠାରେ ଏହା କିଛି ପଥର ତଳେ ରହିଯିବ। ମୁଁ ପ୍ରାର୍ଥନା କରେ, ପରମେଶ୍ୱର, ଯେ ତୁମେ ପ୍ରତ୍ୟେକ ଯୁବକ, ପ୍ରତ୍ୟେକ ମଧ୍ୟବୟସ୍କ, ବୃଦ୍ଧ ବ୍ୟକ୍ତିଙ୍କ ସହିତ କଥା ହେବ, ଏହା ଯାହାକିଛି ବି ହୋଇଥାଉ। ହେ ପ୍ରଭୁ, ମୋ'ର ହୃଦୟ ସହିତ କଥା କୁହ। ଏହି ସେବକମାନଙ୍କ ହୃଦୟଗୁଡ଼ିକ ସହିତ କଥା କୁହ। ମଣ୍ଡଳୀର ହୃଦୟ ସହିତ କଥା କୁହ।

113 ପିତା, ଆମେ ପ୍ରାର୍ଥନା କରୁଛୁ, ଯେ ଆଜି ଆମେ ତୁମର ରବ ଶୁଣିବୁ। ଆଉ ଆମେ ଜାଣୁ, ଯେ ଏହା ଯେପରି ଶାମୁୟେଲଙ୍କ ଦିନଗୁଡ଼ିକରେ ଥିଲା, ଗୋଟିଏ ପ୍ରକାଶ୍ୟ ଦର୍ଶନ ଏକ ବିରଳ ବିଷୟ ଥିଲା, ଏବଂ ଏହା ଲୋକମାନଙ୍କୁ ଚକିତ କରି ଦେଇଥିଲା। ଆଜି ମଧ୍ୟ ତାହା ସେହିପରି ଅଟେ। ଆମ ପାଖରେ ସ୍ୱପ୍ନମାନ ଏବଂ ସ୍ୱପ୍ନକାରମାନେ ଅଛନ୍ତି, ଆମ ପାଖରେ ବକ୍ତାମାନେ ଏବଂ ଅନୁବାଦକମାନେ ଅଛନ୍ତି, ମାତ୍ର ଏକ ପ୍ରକାଶ୍ୟ ଦର୍ଶନ ପ୍ରଭୁଙ୍କର ବାକ୍ୟ ସହିତ ଆସିବା, ଏବଂ ସଂଶୋଧନ କରିବା...ସ୍ୱର୍ଗୀୟ ପିତା, ଆମେ ପ୍ରାର୍ଥନା କରୁଛୁ, ଯେ ସେହି ରବ ଯାହାକି ପ୍ରାନ୍ତର ମଧ୍ୟରେ ଚିତ୍କାର କରୁଥିଲା, "ପ୍ରଭୁଙ୍କ ପାଇଁ ମାର୍ଗ ପ୍ରସ୍ତୁତ କର," ଆମେ ବିଶ୍ୱାସ କରୁ ଯେ ପବିତ୍ରଆତ୍ମା ଆଜି ପୁଣି ଥରେ ସେହି ରବକୁ ଦେଉଅଛନ୍ତି, "ପ୍ରଭୁଙ୍କର ଆଗମନ ପାଇଁ ପ୍ରସ୍ତୁତ ହୁଅ!" ଆଉ ଏହା କେତେ ବିଚିତ୍ର ଅଟେ, କାରଣ ସେଠାରେ ଏହାକୁ ପ୍ରତିକ୍ରିୟାଶୂନ୍ୟ କରିବା ପାଇଁ ଏବଂ ଏହାକୁ ବାହାର କରିଦେବା ପାଇଁ ଅନ୍ୟାନ୍ୟ କେତେଗୁଡ଼ିଏ ରବମାନ ଅଛି, ମାତ୍ର ଯେଉଁମାନେ ଏହାକୁ ଶୁଣନ୍ତି ସେମାନଙ୍କ କାନରେ ଏହା ଅନୁଗ୍ରହଶୀଳ ଅଟେ। ମୁଁ ପ୍ରାର୍ଥନା କରେ ଯେ ପବିତ୍ରଆତ୍ମା ବର୍ତ୍ତମାନ ଆମ ସମସ୍ତଙ୍କ ହୃଦୟଗୁଡ଼ିକରେ କାର୍ଯ୍ୟ କରିବେ।

114 ଆଉ ଯେତେବେଳେ ଆମେମାନେ ମସ୍ତକ ନତ କରିଅଛୁ, ଏବଂ ମୁଁ ବିଶ୍ୱାସ କରେ ଯେ ଆମମାନଙ୍କର ହୃଦୟଗୁଡ଼ିକ ନତ ଅଟେ: ଯଦି ଆପଣ ଏହା ଜାଣିଛନ୍ତି ଯେ ଆପଣ ନିଜ ଜୀବନରେ କୌଣସିଠାରେ କେବେ ଆଜ୍ଞା ପାଳନ କରି ନାହାଁନ୍ତି, ଏପରି କିଛି ଶାସ୍ତ୍ର ଜାଣନ୍ତି, ଯାହାକି ଆପଣ ଜାଣିଛନ୍ତି ଯେ ତାହା ବାଇବଲର ଶିକ୍ଷା ଅଟେ ଯାହା ସହିତ ଆପଣ ସହଯୋଗ କରିନାହାଁନ୍ତି, କାରଣ କିଛି ଗୋଟାଏ ବିଷୟ, ହଲିଉଡ୍ ରବ ଆପଣଙ୍କୁ କିଛି ଅଲଗା

ବିଷୟ କରାଇବା ପାଇଁ ବାଧ୍ୟ କଲା। କେତେକ ସ୍ଥାନ ଯାହାକି ଆପଣ ସେବକମାନେ ବାଇବଲରେ ଏକ ସ୍ଥାନ ପାଇଅଛନ୍ତି, ଯାହାକି ପ୍ରକୃତରେ ସତ୍ୟ ଅଟେ, ମାତ୍ର ଆପଣ ଜାଣନ୍ତି ଯେ ଯଦି ତାହା ଆପଣ ଶିଖାଇବେ ତାହାହେଲେ ଆପଣଙ୍କର ସଂସ୍ଥା ଆପଣଙ୍କୁ ବାହାର କରିଦେବ, ଆଉ ଆପଣ ଜାଣନ୍ତି ଯେ ତାହା ସମ୍ପୂର୍ଣ୍ଣ ସତ୍ୟ ଅଟେ। ଆପଣ ଲୋକମାନେ ଯେଉଁମାନେକି ଭୁଲ୍ ବିଷୟ ଗ୍ରହଣ କରି ନିଅନ୍ତି, ଭୁଲ୍ ଜୀବନ ଯାପନ କରନ୍ତି। ଆପଣ ପିତାମାନେ ଓ ମାତାମାନେ ଯେଉଁମାନେକି ନିଜର ପିଲାମାନଙ୍କୁ ସଂଶୋଧନ କରିବାକୁ ଚେଷ୍ଟା କରୁନାହାଁନ୍ତି, ସେମାନଙ୍କୁ ପାଳନ ପୋଷଣ କରିବାକୁ ଚେଷ୍ଟା କରୁନାହାଁନ୍ତି। ଆପଣ ନିଜର ଯଥାସମ୍ଭବ ଚେଷ୍ଟା କରିପାରନ୍ତି, ଆଉ ସେମାନେ ତ ଯାହାକିଛି ହେଲେ ବି ସାଂସାରିକ ମାର୍ଗରେ ଯାଉଅଛନ୍ତି, ମାତ୍ର ଆପଣ ସେମାନଙ୍କ ସମ୍ମୁଖରେ ଉଦାହରଣ ରଖୁଅଛନ୍ତି। ଆଉ ଯଦି ଆପଣ ତାହା କରୁନାହାଁନ୍ତି, ତେବେ ପରମେଶ୍ୱରଙ୍କ ରବ ଆପଣଙ୍କୁ କହୁଛନ୍ତି, "ତାହା କର ନାହିଁ।"

115 ଆଉ ବର୍ତ୍ତମାନ ପ୍ରତ୍ୟେକ ମସ୍ତକ ନତ ଥିବା ଓ ସମସ୍ତ ଆଖି ବନ୍ଦଥିବା ବେଳେ, ପୁଣି ଏହା ହେଉ ଯେ ସ୍ୱର୍ଗର ପରମେଶ୍ୱର ତଳକୁ ସେହି ବ୍ୟକ୍ତିଙ୍କ ହୃଦୟଗୁଡ଼ିକୁ ଅନାନ୍ତୁ ଯେଉଁମାନେକି କ୍ଷୁଦିତ ଅଟନ୍ତି ଏବଂ ସେହି ସ୍ଥାନକୁ ଖୋଜି ପାଇଯାଆନ୍ତୁ ଯେଉଁଠାରେକି ସେମାନେ ଭୁଲ୍ ଅଟନ୍ତି। ଏବଂ ପରମେଶ୍ୱରଙ୍କ ଆଡ଼କୁ ଏକ ହାତ ଉଠାନ୍ତୁ, ଓ କୁହନ୍ତୁ, "ପ୍ରଭୁ, ମୁଁ ପ୍ରକୃତରେ ଇଚ୍ଛା କରୁଛି ଯେ ତୁମର ରବ ସମସ୍ତ ଅବିଶ୍ୱାସକୁ ବାହାର କରିନେଉ, ଓ ସେସମସ୍ତ ବିଷୟଗୁଡ଼ିକୁ ବାହାର କରିନେଉ ଯାହାକି ତୁମ ପରି ନାହିଁ, ଏବଂ ମୋତେ ସେହିପରି କରୁ ଯେପରିକି ମୁଁ ହୁଏ ବୋଲି ତୁମେ ଇଚ୍ଛା କର।" କ'ଣ ଆପଣମାନେ ନିଜ ନିଜର ହାତଗୁଡ଼ିକ ଉଠାଇବେ କି, ଯେତେବେଳେକି ଆପଣ...? ପ୍ରଭୁ ଆଶୀର୍ବାଦ କରନ୍ତୁ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ।

116 ତେବେ ବାଇବଲ କହେ, ଯୀଶୁ କହିଲେ, ଆଉ ଅନ୍ୟାନ୍ୟ ଏହି ସମସ୍ତ ରବଗୁଡ଼ିକ ଥିବା ସତ୍ତ୍ୱେ, "ତଥାପି ଯଦି ଜଣେ ଲୋକ ମୋହର ରବ ଶୁଣିବ।" ତାହାଙ୍କ ପଛରେ ଅନୁସରଣ କରନ୍ତୁ, ଆପଣ ଆପଣଙ୍କର ଇଚ୍ଛା ବିଷୟ ପାଇବାକୁ ଯାଉଅଛନ୍ତି।

117 ପ୍ରଭୁ, ସମୟ ଶେଷ ହେଉଅଛି। ମାତ୍ର ବାଇବଲ ଏହା କହେ ଯେ, "ଯେତେ ଲୋକ ବିଶ୍ୱାସ କଲେ, ବାପ୍ତିଜିତ ହେଲେ।" ହେ ସ୍ୱର୍ଗୀୟ ପିତା, ମୁଁ ପ୍ରାର୍ଥନା କରେ, ଯେ ପ୍ରତ୍ୟେକେ ସେମାନେ ଯେଉଁମାନେକି ସେମାନଙ୍କର ବାସ୍ତବିକ ସ୍ୱୀକାରୋକ୍ତିରେ ହାତ ଉଠାଇଲେ, ଯେ ପରମେଶ୍ୱରଙ୍କ ବାକ୍ୟ ଯାହା ସେମାନେ ପାଠ କରିଅଛନ୍ତି ଏବଂ ଦେଖିଅଛନ୍ତି ଯେ ସେମାନେ ଭୁଲ୍ ରହିଛନ୍ତି। ମୁଁ ସେମାନଙ୍କ ମଧ୍ୟରୁ ଅଧାକୁ ବି ଦେଖିନାହିଁ। ତାହା ଦେଖିବା ମୋ'ର କାମ ନୁହେଁ, ଏହା ଦେଖିବା ତ ପ୍ରଭୁ, ତୁମର ହିଁ କାମ ଅଟେ। ଆପଣ ଏହି ହାତ ଯାହା ଉଠିଅଛି ତାହା ପଛରେ ଥିବା ଉଦ୍ଦେଶ୍ୟକୁ ଏବଂ ମୂଳ ବିଷୟକୁ ଜାଣନ୍ତି। ଏହା ହେଉ ଯେ ସେମାନେ, ଠିକ୍ ଏହି ଘଟିକାରୁ, ସେମାନଙ୍କର ହୃଦୟରେ ଏହା ନିଶ୍ଚିତ କରି ନିଅନ୍ତୁ ଯେ, "ଏହି ଦିନଠାରୁ,

ପରଠାରୁ, ମୁଁ ପରମେଶ୍ୱରଙ୍କ ବାକ୍ୟ ଏବଂ ପରମେଶ୍ୱରଙ୍କ ରବକୁ ଗ୍ରହଣ କରିବି, ଓ ତାହାକୁ ଅନୁସରଣ କରିବି ଯାହା ମୂଲ୍ୟ ହୋଇଥାଉ ନା କାହିଁକି ।" ଏବଂ ଯେତେବେଳେ ସେମାନେ ଯାଉଥାଆନ୍ତି, ସେମାନଙ୍କ ମନରେ ସେହି କବିଙ୍କର ଗୀତକୁ, ଧାରଣ କରି ନିଅନ୍ତୁ, "ଯୀଶୁ କ'ଣ ଏକାକୀ କ୍ରୁଶ ବହନ କରିବେ, ଏବଂ ସମଗ୍ର ଜଗତ ଉନ୍ମୁକ୍ତ ରହିଥିବେ? ନା, ସମସ୍ତଙ୍କ ପାଇଁ ଏକ କ୍ରୁଶ ଅଛି; ମୋ' ପାଇଁ ଏକ କ୍ରୁଶ ଅଛି । ଏବଂ ଏହି ପବିତ୍ର କ୍ରୁଶ ମୁଁ ବହନ କରିବି, ଯେପର୍ଯ୍ୟନ୍ତକି ମୃତ୍ୟୁ ମୋତେ ମୁକ୍ତ କରିବ ନାହିଁ ।" ତା'ପରେ ଯେତେବେଳେ ପରମେଶ୍ୱରଙ୍କ ରବ କଥା କହିଥାଏ, "ମୁଁ ତାହାଙ୍କର ଧାର୍ମିକତାରେ ଆଗମନ କରିବି, କାରଣ ମୁଁ ତାହାଙ୍କର ରବ, ତାହାଙ୍କ ବାକ୍ୟର ରବ ଅନୁସରଣ କରିଛି ।" ପ୍ରଭୁ, ମୁଁ ବର୍ତ୍ତମାନ ସେମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ତୁମ ନିକଟରେ ସମର୍ପଣ କରୁଛି ।

118 ବର୍ତ୍ତମାନ ଯେତେବେଳେ ଆମମାନଙ୍କର ମସ୍ତକଗୁଡ଼ିକ ନତ ଅଛି, ଆପଣମାନେ ନିଜ ନିଜର ସ୍ୱୀକାରୋକ୍ତି ଏବଂ ପ୍ରତିଶ୍ରୁତି ଦେଉଅଛନ୍ତି । ମୁଁ ଏଠାରେ ବସିଥିବା ଏକ ଛୋଟ ପିଲାକୁ ଦେଖି ଆଶ୍ଚର୍ଯ୍ୟ ହେଉଅଛି, ଯିଏକି ନିଜର ମୁଣ୍ଡକୁ ବୁଲାଉଅଛି । ଏବଂ ମଣ୍ଡଳୀ ପାଇଁ ଏକ ରବ ଅଛି, "ମୁଁ ସଦାପ୍ରଭୁ ଯିଏକି ତୁମ୍ଭର ସମସ୍ତ ରୋଗକୁ ସୁସ୍ଥ କରନ୍ତି ।" ମଣ୍ଡଳୀରେ ତାହା ଏକ ରବ ଅଟେ । ଏବଂ ଆପଣମାନେ ସମସ୍ତେ ଯେଉଁମାନଙ୍କରକି ସୁସ୍ଥତାର ପ୍ରୟୋଜନ ଅଛି, ଆଉ ଆପଣମାନେ ପରମେଶ୍ୱରଙ୍କ ପ୍ରତ୍ୟେକ ବାକ୍ୟ ପ୍ରତି ଏକ ପବିତ୍ରୀକୃତ ଜୀବନ ଯାପନ କରୁଅଛନ୍ତି ଯେତିକି ଠିକ୍ ଅଟେ ବୋଲି ଆପଣ ଜାଣିଛନ୍ତି, ଏବଂ ଆପଣଙ୍କର ଏକ ସୁସ୍ଥତାର ପ୍ରୟୋଜନ ଅଛି, ମୁଁ ଆଶ୍ଚର୍ଯ୍ୟ କରେ ଯଦି ଆପଣ କେବଳ ନିଜର ହାତ ଉଠାଇବେ କି । ନିଜର ହାତ ଉଠାନ୍ତୁ, "ପ୍ରଭୁ, ମୋତେ ସୁସ୍ଥତାର ଏକ ପ୍ରୟୋଜନ ଅଛି ।" ଠିକ୍ ଅଛି ।

119 ତେବେ, ସେହି ରବକୁ ନିଜ ହୃଦୟରେ ରଖିଥା'ନ୍ତୁ, "ମୁଁ ସଦାପ୍ରଭୁ ଯିଏକି ତୁମ୍ଭର ସମସ୍ତ ରୋଗକୁ ସୁସ୍ଥ କରନ୍ତି ।" ମନେ ରଖନ୍ତୁ, ଯେତେବେଳେ ବାକ୍ୟ କୁହା ଯାଇଥାଏ, ଏହାକୁ ଘଟିବାକୁ ହିଁ ଅଛି । ଯୀଶୁ କହିଲେ, ମାର୍କ 11:22, "ଯଦି ତୁମେ ଏହି ପର୍ବତକୁ କୁହ, 'ଘୁଞ୍ଚି ଯା,' ଏବଂ ନିଜର ହୃଦୟରେ ସନ୍ଦେହ ନ କର, ବରଂ ଏହା ବିଶ୍ୱାସ କର ଯେ ଯାହା ତୁମେ କହିଛ ତାହା ସଫଳ ହେବ, ତାହାହେଲେ ତୁମେ ଯାହା କୁହ ତାହା ପ୍ରାପ୍ତ କରିପାରିବା ।"

120 ତେବେ, ପ୍ରତ୍ୟେକେ ବର୍ତ୍ତମାନ ନିଜ ନିଜର ଉପାୟରେ, ନିଜର ମସ୍ତକ ନତ କରନ୍ତୁ, ନିଜର ସ୍ୱୀକାରୋକ୍ତି କରନ୍ତୁ, "ହେ ପ୍ରଭୁ, ମୁଁ ତୁମର ବାକ୍ୟକୁ ବିଶ୍ୱାସ କରେ । ମୁଁ ତୁମର ରବକୁ ମୋତେ ଏହା କହୁଥିବାର ଶୁଣେ ଯେ ତୁମେ ଗତକାଲି, ଆଜି ଏବଂ ଚିରଦିନ ସମାନ ଅଟ ।" ମୁଁ ତଳକୁ ଚାଲିକରି ଯିବାକୁ ଯାଉଅଛି ଏବଂ ଏହି ପିଲା ଉପରେ ହାତ ରଖିବାକୁ ଯାଉଅଛି, କାରଣ ସେ ଏହା ଜାଣିବା ହେତୁ ଅତି ସାନ ଅଟେ ଯେ ଏହା ସବୁ କ'ଣ, ମୂଲ୍ୟବାନ ଛୋଟ ବାଳକଟିଏ, ପ୍ରାୟଃ ଆକାରରେ ଏବଂ ବୟସରେ ମୋ' ଛୋଟ ଯୋଷେଫ ପରି ହେବ । ଆଉ ମୁଁ ଚାହେଁ ଯେ ଆପଣମାନେ ସମସ୍ତେ ପ୍ରାର୍ଥନା କରନ୍ତୁ, ପ୍ରାର୍ଥନା କରୁଥା'ନ୍ତୁ, "ପ୍ରଭୁ, ମୁଁ ତୁମର ରବ ଶୁଣୁଛି । ମୁଁ ବିଶ୍ୱାସ କରୁଛି ।"

121 ସ୍ୱର୍ଗୀୟ ପିତା, ଆମେମାନେ ଏହି ଶ୍ରୋତାବର୍ଗଙ୍କୁ ସେମାନଙ୍କ ଶରୀରର ଆରୋଗ୍ୟତା ନିମନ୍ତେ ଆପଣଙ୍କ ନିକଟକୁ ଆଣୁଛୁ । ଏବଂ, ହେ ପ୍ରଭୁ, ଏଠାରେ ଏକ ଗରିବ ଛୋଟ ପିଲାଟିଏ ବସିଅଛି, ସେ ସମଗ୍ର ବାର୍ତ୍ତା ସାରା ମୋ'ର ଧ୍ୟାନକୁ ଆକର୍ଷଣ କରୁଅଛି, ସେହି ଛୋଟ ପିଲାଟିକୁ ତା'ର ପିତାମାତା ମଧ୍ୟରୁ ଜଣେ ସେଠାରେ ଧରିକି ବସିଥିବାର ଦେଖେ । ଡାକ୍ତରୀ ବିଜ୍ଞାନ ଜରିଆରେ, ସେହି ଛୋଟ ପିଲା ପାଇଁ କୌଣସି ଆଶା ନାହିଁ । ମାତ୍ର ପରମେଶ୍ୱରଙ୍କର ଏକ ରବ ଅଛି ଯାହାକି ସବୁକିଛି ବିଷୟ ଉପରେ ଅଧିକାର କରିଥାଏ । ଆଉ ଯେତେବେଳେ ଏହି ମଣ୍ଡଳୀ ଏକତ୍ର ହୋଇ ପ୍ରତ୍ୟେକ ଆଜ୍ଞାକୁ ପ୍ରସ୍ତୁତ କରନ୍ତି ଯାହାକି ମୁଁ ଜାଣେ ଯେ କିପରି କରିବାକୁ ଅଛି, ତେବେ ହେ ପିତା, ବାକି ସମସ୍ତ କିଛି ବିଷୟ ତୁମର ଅଧିନସ୍ଥ ଅଟେ । ମୁଁ ତଳକୁ ଯାଉଅଛି ଓ ସେହି ପିଲା ଉପରେ ହାତ ରଖୁଅଛି ।

122 ପିତା ପରମେଶ୍ୱର, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୁଁ ଏହାକୁ ନିନ୍ଦା କରେ । ଏହା ହେଉ ଯେ ପରମେଶ୍ୱରଙ୍କ ଶକ୍ତି, ପରମେଶ୍ୱରଙ୍କ ଆରୋଗ୍ୟତା...ଏହା ହେଉ ଯେ ପରବର୍ତ୍ତୀ ପାଞ୍ଚ ମିନିଟରେ ତାହା ଭିତରେ ଏପରି କିଛି ପାର୍ଥକ୍ୟ ହେଉ...?...ହେଉ ଯେ ସେମାନେ ସମସ୍ତେ...?...ତୁମରି ଗୌରବ ନିମନ୍ତେ ।

123 ସ୍ୱର୍ଗୀୟ ପିତା, ତୁମେ ପ୍ରତିଜ୍ଞା ଦେଇଅଛ । ତାହାହିଁ ସବୁକିଛି ଅଟେ ଯାହାକି ମୁଁ ଜାଣେ, ତୁମେ ପ୍ରତିଜ୍ଞା ଦେଇଅଛ । ଏହା କରା ଯାଇଅଛି, ଯେପରିକି ତାହା କୁହା ଗଲା, "ଯଦି ତୁମେ ଏହାକୁ କୁହ," ଆଉ ମୁଁ ଅସୁସ୍ଥତା କିମ୍ବା ଦୁଃଖ ପୀଡ଼ାର ପ୍ରତ୍ୟେକ ଶୟତାନକୁ ଏହା କହୁଅଛି ଯାହାକି ଏହି ଶ୍ରୋତାବର୍ଗଙ୍କୁ ବାନ୍ଧିଅଛି, ଯାହାକି ଏହି ଲୋକମାନଙ୍କୁ ବନ୍ଧନରେ ବାନ୍ଧିଅଛି, ଅବିଶ୍ୱାସର ପ୍ରତ୍ୟେକଟି ଆତ୍ମାକୁ, ମୁଁ କହୁଅଛି, "ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଲୋକମାନଙ୍କଠାରୁ ଦୂରେଇ ଯା!" ତେବେ, ଆମେମାନେ ଜାଣୁ ଯେ ଏହା ଲେଖା ହୋଇଛି, ଏବଂ ବର୍ତ୍ତମାନ ଏହା କୁହା ଯାଇଅଛି, ପରମେଶ୍ୱରଙ୍କ ସମ୍ମାନ ଏବଂ ଗୌରବ ନିମନ୍ତେ, ଏହା କରାଯାଉ । ଏବଂ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଏହାକୁ ଯାଚନା କରାଯାଏ ।

124 ବର୍ତ୍ତମାନ, ଆପଣମାନେ ଯେଉଁମାନେକି ବିଶ୍ୱାସ କରିପାରନ୍ତି, ଏବଂ ବିଶ୍ୱାସ କରନ୍ତି, ଏହା ଯାହା ହେଉ ନା କାହିଁକି, ହେବା ଆବଶ୍ୟକ ନୁହେଁ, ସେହି ବୀଜ ସେଠାରେ ପଡ଼ିଲା । ଆପଣଙ୍କ ଭିତରେ ସେହି ଛୋଟ କିଛି, ସେହି ରବ । ଏହି ଶିଶୁର ପିତାମାତା, ଶିଶୁର ଅବସ୍ଥା ଯାହା ହେଉ ନା କାହିଁକି, କ'ଣ ଆପଣମାନେ ବିଶ୍ୱାସ କରନ୍ତି ଯେ ପରମେଶ୍ୱରଙ୍କ ବୀଜ ଆପଣଙ୍କ ହୃଦୟ ଭିତରେ ପଡ଼ିଲା, ଯେ ସେହି ବାଳକ ଭଲ ହୋଇଯିବ? ଅବଶିଷ୍ଟ ଆପଣମାନେ ପ୍ରାର୍ଥନା କରୁଥା'ନ୍ତୁ, ଜଣେ ଅନ୍ୟ ପାଇଁ, କ'ଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱରଙ୍କ ବୀଜ ଆପଣଙ୍କ ହୃଦୟ ଭିତରେ ପଡ଼ିଲା ଯେ, "ମୋ'ର ଅସୁସ୍ଥତା ସମାପ୍ତ ହୋଇଅଛି"? ତାହାହେଲେ ଆପଣଙ୍କ ନିମନ୍ତେ ବିଶ୍ୱାସର ପ୍ରାର୍ଥନା କରାଯାଇ ସାରିଛି, ସେହି ଖୁଣ୍ଟକୁ ଧରି ରହିଥା'ନ୍ତୁ । ଆଉ ଯଦି ଶୟତାନ କେବେ ଚେଷ୍ଟା କରେ, ଆପଣ ଠିକ୍ ଫେରି ଆସନ୍ତୁ: "ସେହି ସ୍ପେନିଶ୍ ମଣ୍ଡଳୀରେ ଛିଡ଼ା ହୋଇ, ସେହି ରବିବାର ଦିନ ସକାଳରେ, ମୋ'

ପାଇଁ ବିଶ୍ୱାସର ପ୍ରାର୍ଥନା କରା ଯାଇଥିଲା । ଏବଂ ପରମେଶ୍ୱର ପ୍ରତିଜ୍ଞା କରିଛନ୍ତି!" ବିଶ୍ୱାସର ପ୍ରାର୍ଥନା ରୋଗୀମାନଙ୍କୁ ଉଦ୍ଧାର କରିବ ଏବଂ ପରମେଶ୍ୱର ସେମାନଙ୍କୁ ଛିଡ଼ା କରିବେ । ଏହାକୁ ଘଟିବାକୁ ହିଁ ପଡ଼ିବ । କ'ଣ ଆପଣମାନେ ଏହାକୁ ବିଶ୍ୱାସ କରନ୍ତି? କୁହନ୍ତୁ, "ଆମେନ୍ ।" ପରମେଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ । ବର୍ତ୍ତମାନ ମୁଁ ସେବାକୁ ଭାଇ ରୋଜଙ୍କୁ ଫେରାଇ ଦେଉଅଛି, ମୁଁ ଭାବୁଛି ଏଠାରେ, ଭାଇ ଜୁଏଲ୍ ରୋଜ ।

***ଏହି ଶେଷ ଦିନମାନଙ୍କରେ ପରମେଶ୍ୱରଙ୍କ ରବ*** ORI63-0120M

(The Voice Of God In This Last Days)

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଜାନୁୟାରୀ 20, ୧୯୬୩, ରବିବାର ସକାଳରେ, ଯୁକ୍ତରାଷ୍ଟ୍ର ଆମେରିକାର, ଏରିଜୋନା ପ୍ରଦେଶର, ଫିନିକ୍ସ ସହରର ଆପୋଷ୍ଟୋଲିକ୍ ଚର୍ଚ୍ଚଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍‌ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟ ଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2021 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org